# କନ୍‌ଷ୍ଟେବଲଙ୍କୁ ସୁଯୋଗ

ଲୋକସଂଖ୍ୟା ବୃଦ୍ଧି ସହ ଓଡ଼ିଶାରେ ଅପରାଧ ବଢ଼ିଚାଲିଛି। ଆପରାଧିକ ମାମଲାଗୁଡ଼ିକୁ ତ୍ୱରାନ୍ୱିତ କରିବା ଲାଗି ଥାନାଗୁଡ଼ିକରେ ତଦନ୍ତକାରୀ ଅଧିକାରୀ ଯଥେଷ୍ଟ ହେଉ ନ ଥିବାରୁ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ ପଦକ୍ଷେପ ନିଆଯାଇଛି। ଗୃହ ବିଭାଗ ତରଫରୁ ପ୍ରକାଶିତ ନିର୍ଦ୍ଦେଶ ଅନୁଯାୟୀ ସ୍ନାତକ ଡିଗ୍ରୀ ଅର୍ଜନ କରିଥିବା କନ୍‌ଷ୍ଟେବଲ ଓ ହାବିଲଦାରମାନେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ୩୩ଟି ଦଫା ମଧ୍ୟରେ ଆସୁଥିବା ଅପରାଧର ତଦନ୍ତ କରିପାରିବେ। ଉଲ୍ଲେଖଯୋଗ୍ୟ ଯେ, ଆଇପିସିରେ ସମୁଦାୟ ୫୧୧ ଦଫା ରହିଛି। ସାଧାରଣତଃ ପୋଲିସର କାର୍ଯ୍ୟଧାରା ଦେଖିଲେ ଇନ୍ସପେକ୍ଟର ସଙ୍ଗିନ ଅପରାଧ ଯଥା ହତ୍ୟା ଓ ଆର୍ଥିକ ଅପରାଧ ମାମଲାଗୁଡ଼ିକର ତଦନ୍ତ କରିଥାଆନ୍ତି। ସବ୍-ଇନ୍ସପେକ୍ଟର (ଏସ୍‌ଆଇ)ଙ୍କ ଉପରେ ହତ୍ୟା ଉଦ୍ୟମ ଓ ଡକାୟତି ଘଟଣାର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର (ଏଏସ୍‌ଆଇ) ଚୋରି, ରାହାଜାନି ଭଳି ମାମଲାର ତଦନ୍ତ କରୁଛନ୍ତି। ସ୍ନାତକ ଡିଗ୍ରୀଧାରୀ କନ୍‌ଷ୍ଟେବଲ ଓ ହାବିଲଦାରଙ୍କୁ ସଶକ୍ତ କରିବା ଲାଗି ସେମାନଙ୍କୁ ତଦନ୍ତ ଅଧିକାରୀ (ଆଇଓ) ଦାୟିତ୍ୱ ଦେବା ପାଇଁ ପୋଲିସ ମହାନିର୍ଦ୍ଦେଶକ ଆର୍.ପି. ଶର୍ମା ଗତବର୍ଷ ଗୃହ ବିଭାଗକୁ ପ୍ରସ୍ତାବ ଦେଇଥିଲେ। ନିଶ୍ଚିତ ଭାବେ ତାଙ୍କ ପ୍ରସ୍ତାବ ଓ ଗୃହ ବିଭାଗ ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

ଓଡ଼ିଶା ପୋଲିସରେ ସମୁଦାୟ ୭୨,୧୪୫ ପଦବୀ ରହିଛି। ରାଜ୍ୟର ବିଭିନ୍ନ ଥାନାରେ ୮,୦୦୦ରୁ ଊର୍ଦ୍ଧ୍ୱ କନ୍‌ଷ୍ଟେବଲ ଓ ପ୍ରାୟ ୨୫୦୦ ହାବିଲଦାର ଅଛନ୍ତି। ଏମାନେ ଚଢ଼ାଉ ବେଳେ ଅଫିସରଙ୍କୁ ସାହାଯ୍ୟ କରିବା ସହ ଫାଇଲ ନେବାଆଣିବା କାର୍ଯ୍ୟରେ ଲାଗିଥାଆନ୍ତି। ଦେଖିବାକୁ ଗଲେ ତଳିଆ କାର୍ଯ୍ୟରେ ଏମାନଙ୍କୁ ନିୟୋଜିତ କରାଯାଇଥାଏ। ଗୃହ ବିଭାଗ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା ପରେ ସ୍ନାତକପ୍ରାପ୍ତ କନ୍‌ଷ୍ଟେବଲ ଓ ହାବିଲଦାରମାନେ କାର୍ଯ୍ୟକ୍ଷେତ୍ରରେ ମର୍ଯ୍ୟାଦା ପାଇପାରିବେ। ଏଥିସହିତ ତଦନ୍ତକାରୀ ଅଧିକାରୀଜନିତ ଅଭାବରେ ପଡ଼ିଥିବା ଓଡ଼ିଶା ପୋଲିସ ଏମାନଙ୍କ ଦକ୍ଷତାକୁ ବ୍ୟବହାର କରିପାରିବେ। ଏବେ ଦିଲ୍ଲୀ, କେରଳ, ଗୁଜରାଟ, ରାଜସ୍ଥାନ, ମହାରାଷ୍ଟ୍ରରେ ହେଡ୍ କନ୍‌ଷ୍ଟେବଲମାନଙ୍କୁ ତଦନ୍ତ ଅଧିକାରୀ ଦାୟିତ୍ୱ ଅର୍ପଣ କରାଯାଇଛି। ଫଳରେ ଏଏସ୍‌ଆଇଙ୍କ କାମ ହାଲୁକା ହୋଇପାରୁଥିବାରୁ ସେମାନେ ଅନ୍ୟସବୁ ଆପରାଧିକ ମାମଲାର ତଦନ୍ତ ଲାଗି ସମୟ ପାଇପାରିବେ। ଏହାଦ୍ୱାରା ଥାନାରେ ବକେୟା ପଡ଼ି ରହିଥିବା ମାମଲା ବୋଝ କମିଯାଇପାରିବ। ତେବେ ଦକ୍ଷ କନ୍‌ଷ୍ଟେବଲ ଓ ହାବିଲଦାରଙ୍କୁ ବାଛିବା ହେଉଛି ସବୁଠାରୁ ବଡ଼ କାର୍ଯ୍ୟ। ୩ ବର୍ଷରୁ କମ୍ ଜେଲଦଣ୍ଡ ମିଳିପାରୁଥିବା ଅପରାଧର ତଦନ୍ତ ଦାୟିତ୍ୱ ଏମାନଙ୍କୁ ଦିଆଯିବାର ବ୍ୟବସ୍ଥା ସୃଷ୍ଟି କରାଯାଉଛି। ଏଥିପାଇଁ ସେମାନଙ୍କୁ ଓଡ଼ିଶା ପୋଲିସର ପ୍ରଶିକ୍ଷଣ କେନ୍ଦ୍ରରେ ୪ରୁ ୫ ସପ୍ତାହ ଯାଏ ତାଲିମ ନେବାକୁ ପଡ଼ିବ। ଏହାପରେ କାଗଜପତ୍ର କାର୍ଯ୍ୟ ଲାଗି ସେମାନଙ୍କୁ ଥାନାଗୁଡ଼ିକରେ ୪୫ ଦିନିଆ ପ୍ରଶିକ୍ଷଣ ଦିଆଯିବ। ମାମଲା ରୁଜୁ, ପ୍ରମାଣ ସଂଗ୍ରହ, କେସ୍ ଡାଏରୀ ଲେଖିବାଠାରୁ ଆରମ୍ଭ କରି ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଯେଉଁସବୁ କାର୍ଯ୍ୟ କରିବାକୁ ପଡ଼େ, ସେ ନେଇ ପ୍ରଶିକ୍ଷିତ ହେବାକୁ ପଡ଼ିବ। ଏହା ପରେ ସେମାନେ ଏକ ପରୀକ୍ଷା ଦେବେ। ଯେଉଁମାନେ ଏଥିରେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କୁ ତଦନ୍ତ ଦାୟିତ୍ୱ ଦିଆଯିବ। ତେବେ ଏସବୁ ଶୁଣିବାକୁ ଭଲ ଲାଗୁଥିଲେ ମଧ୍ୟ ଏହା କଥାରେ ସୀମିତ ରହିଲେ ବ୍ୟବସ୍ଥା ଫଳପ୍ରଦ ହେବ ନାହିଁ। ସବୁଠାରୁ ମୂଳ କଥା ହେଲା ଏମାନଙ୍କୁ ଠିକ୍ ପ୍ରଶିକ୍ଷଣ ଦିଆଯାଇ କାର୍ଯ୍ୟଧାରାରେ ସାମିଲ କରିବା। ବାସ୍ତବରେ ତୃଣମୂଳ ସ୍ତରର ରିପୋର୍ଟ ଉପରେ ସବୁକିଛି ନିର୍ଭର କରିଥାଏ। ପ୍ରଥମ ତଦନ୍ତ ରିପୋର୍ଟ ପାଣିଚିଆ ବା ତ୍ରୁଟିପୂର୍ଣ୍ଣ ହେଲେ ଆଗକୁ ନ୍ୟାୟ ମିଳିବା ଏକପ୍ରକାର ଅସମ୍ଭବ ହୋଇପଡ଼େ।

ଗୋଟିଏ ପାଦ ଆଗକୁ ଯାଇ କୁହାଯାଇପାରେ ଯେ ଯୋଗ୍ୟ ବିବେଚିତ କନ୍‌ଷ୍ଟେବଲ ଓ ହାବିଲଦାରଙ୍କ କାର୍ଯ୍ୟ ତଦାରଖ କରିବା ଲାଗି ସ୍ଥାନୀୟ ଏସ୍‌ପିଙ୍କ ନେତୃତ୍ୱରେ ଏକ ଟାସ୍କଫୋର୍ସ ଗଠନ କରାଯିବା ଦରକାର। ଏଥିସହିତ ରାଜ୍ୟର ଅବସରପ୍ରାପ୍ତ ଅଭିଜ୍ଞ ପୋଲିସ ଅଫିସର ଏବଂ ଅନ୍ୟ ରାଜ୍ୟର ଦକ୍ଷ ପୋଲିସ ଅଧିକାରୀଙ୍କୁ ଡକାଯାଇ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେବାର କୌଶଳ ଓ ବୈଶିଷ୍ଟ୍ୟ ବିଷୟରେ ଆଲୋଚନା ଲାଗି କର୍ମଶାଳା ଆୟୋଜନର ଆବଶ୍ୟକତା ରହିଛି। କର୍ମଶାଳାର ନିଷ୍କର୍ଷ ଓ କେତେକ କେସ୍ ଷ୍ଟଡିକୁ ଆଭ୍ୟନ୍ତରୀଣ ପୋଲିସ ମାନୁଆଲ୍‌ରେ ସନ୍ନିବେଶିତ କରାଯାଇପାରିଲେ ତଦନ୍ତ ଦିଗରେ କାର୍ଯ୍ୟ କରୁଥିବା ବା ଆଗକୁ ଦାୟିତ୍ୱ ନେବାକୁ ଥିବା ଯୁବ ପୋଲିସଙ୍କ ପାଇଁ ଏହା ଏକ ବେସ୍ (ମୂଳ) ପୁସ୍ତିକା ହୋଇପାରିବ। ଉକ୍ତ ମାନୁଆଲ୍‌କୁ ମଧ୍ୟ ସମୟକ୍ରମେ ଅପ୍‌ଡେଟ୍ କରାଯିବା ଦରକାର। ବରିଷ୍ଠ ପୋଲିସ ଅଧିକାରୀମାନେ ନୂତନ ଭାବେ ତଦନ୍ତ ଅଧିକାରୀ ହେଉଥିବା ପୋଲିସଙ୍କ କେସ୍ ଡାଏରି ଓ କୋର୍ଟକୁ ଦିଆଯିବାକୁ ଥିବା ରିପୋର୍ଟକୁ ଭଲ ଭାବେ ଯାଞ୍ଚ କରିବା ଉଚିତ। ସେହିପରି କୋର୍ଟରେ କେସ୍ ସରିଲା ପରେ ଜଣେ ଅଭିଯୁକ୍ତ କେଉଁଥିପାଇଁ ଦଣ୍ଡ ପାଇଲେ ବା ମାମଲାରୁ ଛାଡ଼ ପାଇଗଲେ, ସେହି ସମ୍ପର୍କିତ ବର୍ଣ୍ଣନା ପୋଲିସର କନ୍‌ଫିଡେନ୍ସିଆଲ ମାନୁଆଲ ବା ଗୋପନୀୟ ପୁସ୍ତିକାରେ ପ୍ରାଞ୍ଜଳ ଭାବେ ରଖାଯାଇପାରିଲେ ନୂତନ ଭାବେ ଦାୟିତ୍ୱ ନେଉଥିବା ତଦନ୍ତ ଅଧିକାରୀଙ୍କ ପାଇଁ ଏହା ଏକ ମାର୍ଗଦର୍ଶିକା ପାଲଟିଯାଇପାରନ୍ତା। ସକାରାତ୍ମକ ଦୃଷ୍ଟିରୁ ପୋଲିସର କାର୍ଯ୍ୟଧାରାକୁ ଏହିଭଳି ବ୍ୟବସ୍ଥିତ କରାଯାଇପାରିଲେ, ଏକ ଦଶନ୍ଧି ମଧ୍ୟରେ ଓଡ଼ିଶା ପୋଲିସ ଏକ ଦକ୍ଷ ସୁରକ୍ଷା ବାହିନୀ ଭାବେ ଉଭା ହୋଇ ଅନ୍ୟ ରାଜ୍ୟ ପାଇଁ ମଡେଲ ହୋଇପାରନ୍ତା।

## ଚିରନ୍ତନୀ

ନୁହଇ ଧରମ ସେ ତ ଧରମର ଚର୍ମ ଆବରଣ
ବାହ୍ୟ ପରିଧାନ ଏକ, ନାହିଁ ତା'ର ଅପର କାରଣ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | 1 | | B | C | | A | | | |
| | 1 | | | | 4 | | | | | 5 | | | D | A |
| | | B | | | 3 | | | 7 | 8 | | | | | 4 |
| E | | | | 9 | 0 | | | | | B | | 2 | | C |
| C | 6 | | | | | 4 | | | E | 2 | | 8 | 3 | 1 |
| | 2 | | | | B | | 5 | | 4 | C | | | 1 | 0 |
| | | | | | 5 | 9 | | | 2 | | | 6 | B | 7 |
| | | | | | | A | | 8 | 9 | D | 0 | | | |
| 1 | | E | | | 8 | | | 2 | | | 5 | | | D |
| | 4 | | | | 1 | 3 | | | | | 6 | 9 | | |
| | | | | 3 | | 6 | C | | | 4 | | 0 | | 2 |
| 0 | | | 1 | | | 8 | | | | 6 | 9 | 3 | C | |
| | | A | | | 7 | | 2 | | | | | D | | |
| 9 | C | | A | | | D | | E | | | | | | 8 |
| 6 | | | | | 2 | 0 | | 9 | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | A | 9 | 5 | 1 | 0 | 8 | C | B | 6 | E | 3 | 4 | 2 | 7 |
| E | 3 | 4 | 6 | D | A | 1 | 2 | 7 | 5 | 8 | 9 | 0 | B | C |
| 0 | 1 | 2 | 8 | 7 | E | 5 | 4 | 9 | D | C | B | 3 | A | 6 |
| B | 7 | 6 | C | 9 | 2 | A | D | 3 | 0 | 1 | 4 | 5 | E | 8 |
| 5 | 8 | C | 4 | B | 3 | E | 0 | 6 | A | 2 | 7 | D | 9 | 1 |
| A | 2 | 8 | D | C | 6 | 0 | E | 4 | 9 | 7 | 5 | B | 1 | 3 |
| 6 | 5 | 0 | E | 4 | 7 | D | 3 | 1 | 2 | B | A | 8 | C | 9 |
| 7 | B | 1 | 9 | 3 | 5 | 2 | 8 | A | 4 | D | C | 6 | 0 | E |
| 3 | C | D | B | 2 | 8 | 6 | 9 | 5 | E | 0 | 1 | 7 | 4 | A |
| 4 | 9 | E | A | 0 | 1 | 7 | B | C | 3 | 6 | 8 | 2 | D | 5 |
| 2 | D | 3 | 0 | 6 | 4 | 9 | 5 | 8 | 1 | A | E | C | 7 | B |
| 8 | 0 | 7 | 3 | A | 9 | B | 6 | E | C | 4 | D | 1 | 5 | 2 |
| 1 | E | A | 2 | 5 | D | C | 7 | 0 | B | 3 | 6 | 9 | 8 | 4 |
| C | 4 | 5 | 1 | 8 | B | 3 | A | 2 | 7 | 9 | 0 | E | 6 | D |
| 9 | 6 | B | 7 | E | C | 4 | 1 | D | 8 | 5 | 2 | A | 3 | 0 |

ଗତକାଲିର ଉତ୍ତର

# ଗରିବ ଚିହ୍ନେନି ଘରୋଇକରଣ



ସହଦେବ ସାହୁ

ଗରିବ ପାଇଁ ସବୁ ମହଙ୍ଗା, ଦେବଦର୍ଶନ ଓ ନିଜ ସ୍ୱାସ୍ଥ୍ୟ ବି। ଗରିବ ଅଳ୍ପାୟୁ ହୋଇ ରହିବ, ସମାଜ ଯାହାକୁ ଧର୍ମ କାମ ବୋଲି କହୁଛି ତା'ଠାରୁ ସେ ଦୂରେଇ ରହିବ। ଡାକ୍ତର ହୁଅନ୍ତୁ କି ସାଧୁସନ୍ଥ, ସମସ୍ତେ ଧନୀକୁ, ପଇସା ଫୋପାଡ଼ି ପାରିବା ଲୋକକୁ ପଚାରନ୍ତି, ଯତ୍ନର ସହ ଚିକିତ୍ସା କରନ୍ତି, ଭଲ ଭକ୍ତ ବୋଲି ଗଣମାଧ୍ୟମ ପ୍ରଚାର କରେ। ଭୋଟ୍ ପାଇଁ ମନ୍ତ୍ରୀମାନେ ଗରିବ-ପ୍ରାଣ ହୋଇପଡ଼ନ୍ତି କିନ୍ତୁ ବେନିୟମ କାରବାରରେ ଧନୀର ବଜ୍ର-ଆବରଣ ହୋଇଥାନ୍ତି। ଠାକୁର ଦର୍ଶନରେ ବି ଯିଏ ବେଶି ପଇସା ଦିଏ ସିଏ ଆଗେ ଦର୍ଶନ କରେ, କାରଣ ଦିଅଁ-ପୂଜା ବହୁତ ଆଗରୁ ଘରୋଇକରଣ ହୋଇଯାଇଛି, ବ୍ୟାବସାୟିକ ହୋଇ ପଡ଼ିଛି। ଠାକୁର ରଜା କି ଠାକୁର ରାଣୀ ପୂଜା କରିବାକୁ ଗଲେ ଆଉ ସମସ୍ତଙ୍କୁ ଜଗନ୍ନାଥ ମନ୍ଦିରକୁ ଯିବା ମନା,ଏ ଅତୀତର ସନ୍ତକ, ଗଣତନ୍ତ୍ର-ପୂର୍ବର ପରମ୍ପରା। ରାଜାନୁଗ୍ରହରେ ପାଳିତ ପଣ୍ଡାମାନେ ଏହାଠାରୁ ଆଉ କ'ଣ ଅଧିକା ଭାବି ପାରନ୍ତେ ! ଯେମିତି କେଉଁ ବ୍ରାଣ୍ଡର ଔଷଧ କିଣିବ ଡାକ୍ତର ଠିକ୍ କରେ, କେଉଁ ଦୋକାନରୁ ଭୋଗ ନେବ ପଣ୍ଡା କହିଦିଏ। ବଡ଼ ଲୋକ ତ ଡାକ୍ତରଙ୍କ ଚିହ୍ନା ହୋଇଥିବ, କିଛି ସାମ୍ପଲ (ନମୁନା) ଔଷଧ ମାଗଣାରେ ପାଇପାରେ, ସେବାୟତ ବା ପଣ୍ଡାଙ୍କ ପରିଚିତ ହୋଇଥିବ, ପଣ୍ଡା ତାକୁ ବାଟ କଢ଼େଇ ଦିଅଁଙ୍କ ପାଖକୁ ନେଇଯିବେ।

ଲୋକେ କହନ୍ତି, ସରକାରୀ କର୍ମଚାରୀମାନେ ଗରିବଙ୍କ କଥା ବୁଝନ୍ତି ନାହିଁ; ଗରିବଟିଏ ସରକାରୀ ଚାକିରିଆ ହୋଇଗଲେ ସାଙ୍ଗେ ସାଙ୍ଗେ ମଧ୍ୟବିତ୍ତ ବର୍ଗକୁ ଉଠିଯାଏ, କିଛି ଦିନ ଭିତରେ କେତେକ ଲକ୍ଷପତି ହୋଇ ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୁଅନ୍ତି, ଆଉ କେତେକ ଚାକିରି ସରିଲା ବେଳକୁ ଯେପରି କୋଟିପତି ହୋଇଥିବେ, ତାହାର ବନ୍ଦୋବସ୍ତ କରିଥାନ୍ତି। ଧୀରେ ଧୀରେ ସେମାନେ ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଆନ୍ତି, ସେମାନେ ଦରଦ କ'ଣ ଆଉ ବୁଝିପାରନ୍ତି ନାହିଁ।

ମୁଷ୍ଟିମେୟ ହେଲେ ବି କେତେକ ପ୍ରଶାସନିକ ଅଧିକାରୀ ଭାଇ ବନ୍ଧୁଙ୍କୁ ବି କୋଟିପତି କରିଦିଅନ୍ତି, ବେନାମୀ କାରବାର କରନ୍ତି, ସମ୍ପର୍କ ଥିଲେ (ଯୋଗ୍ୟତା ନ ଥିଲେ ବି) ସରକାରୀ ଋଣ କରାଇ ଦିଅନ୍ତି, ରିଡ଼ର ପାହ୍ୟାର ଲୋକକୁ ବିଶ୍ୱବିଦ୍ୟାଳୟର କୁଳପତି କରିପାରନ୍ତି। ପ୍ରାଇଭେଟ୍ ସେକ୍ରେଟାରି ବା ଘରର ମାଳୀକୁ ବା ଗାଡ଼ି ଚାଳକକୁ ଲୋକ-ପ୍ରତିନିଧି କରିପାରନ୍ତି। ନେତାମାନେ ବି ସେୟା କଲେଣି, ତା'ଠାରୁ ବଳିଗଲେଣି କହିଲେ ଚଳିବ। ଥରେ ନିର୍ବାଚିତ ପ୍ରତିନିଧି ହୋଇଗଲେ ସେମାନେ ଧନୀ ତ ହୁଅନ୍ତି, କୁଟୁମ୍ବମାନଙ୍କୁ ବି କୋଟିପତି କରିପକାନ୍ତି। ପ୍ରିୟାପ୍ରୀତି ରୋକିବା ଲାଗି ବିଧେୟକ ତିଆରି କରୁଥିବା ବିଧାୟକ ବା ସାଂସଦ ନିଜ ସାତପୁରୁଷ ପାଇଁ ସମ୍ପତ୍ତି କରନ୍ତି। ରାସ୍ତାକଡ଼ର ପେଟ୍ରୋଲ ପମ୍ପ, ହସ୍ପିଟାଲ ପରିସରରେ ଔଷଧ ଦୋକାନ, ରାଜପଥର ପ୍ରଶସ୍ତୀକରଣରେ ଠିକା କାମ, ରାସ୍ତାଘାଟରେ ଚାଲୁଥିବା ବସ୍, ଟ୍ରକ୍, ଡଙ୍ଗା ସବୁଥିରେ ତାଙ୍କର ମାଲିକାନା। ଲୋକପ୍ରତିନିଧିଙ୍କ ସାହାଯ୍ୟ ବିନା ସରକାରୀ ଜମିର ମାଲିକାନା ହାସଲ କରିବା, କୁଟୁମ୍ବ ବା ଚାମ୍‌ଚାମାନେ ରିଅଲ ଇଷ୍ଟେଟ୍ ବିଜନେସ୍ କରିବା, ନିରୀହ ଲୋକର ଜମିବାଡ଼ି ମାରିନେବା ଏବଂ ତହିଁରେ ଫ୍ଲାଟ ତିଆରି କରି କୋଟି କୋଟି ଟଙ୍କା ରୋଜଗାର କରିବା ଅସମ୍ଭବ।

ଆଗେ ଲାଞ୍ଚ ଏକ ଲୁଚାଣିଆ କାରବାର ଥିଲା, ଏବେ ନେତାଏ ଖୋଲାଖୋଲି କହିଲେଣି ଯେ 'ଆମେ ଧନୀମାନଙ୍କ କଥା ବୁଝିବୁ, ଗରିବମାନେ ଆପେ ଆପେ ମଣିଷ ହୋଇଯିବେ।' କାରଣ ଧନୀମାନେ ହିଁ ଦେଶର ଆର୍ଥିକ ଅଭିବୃଦ୍ଧିରେ ସାହାଯ୍ୟ କରୁଛନ୍ତି, ଜିଡ଼ିପି ବଢ଼ାଉଛନ୍ତି। ସେମାନଙ୍କ କଥା ଆମେ ଆଗେ ବୁଝିସାରୁ, ପରେ ସାଧାରଣ ଲୋକଙ୍କ କଥା ବୁଝିବୁ। ନେତାମାନେ କହୁଛନ୍ତି ଯେ, ପୁଞ୍ଜିବାଲାଙ୍କ ପାଇଁ କାମ କଲେ ସେମାନେ ଦେଶରେ ବେଶି ପୁଞ୍ଜି ଲଗାଇବେ, ସେମାନଙ୍କ ଧନ ଝରି ଝରି (ପର୍ କୋଲେଟ୍ କରି) ଗରିବ ପାଖକୁ ଆସିଯିବ। ବଜାର ଅର୍ଥନୀତି ଏ ନିୟମକୁ କାର୍ଯ୍ୟକାରୀ କରିବ, ସରକାର କାହିଁକି ଗରିବଙ୍କ ବିକାଶରେ ହସ୍ତକ୍ଷେପ କରିବେ? ସାଧାରଣ ଲୋକେ କମ୍ ପଇସାରେ ବିଜୁଳି ଚାହୁଁଛନ୍ତି, ଧନୀଙ୍କୁ ବିକିସାରିବା ପରେ ଯାହା ବଳିବ ତାହା ହିଁ ସାଧାରଣ ଲୋକେ ପାଇବେ। ଏ ହେଲା ବଜାରର ଅର୍ଥନୀତି। ଘରୋଇକରଣ ହାୱାରେ ସରକାର ହସ୍ତକ୍ଷେପ କରିବେ ନାହିଁ। ଆଇଟି କମ୍ପାନୀରେ କାମ କରୁଥିବା ଲୋକେ ଗରିବ ଲୋକକୁ କାମରେ ଲଗାଇବେ, ଲୁଗାପଟା ଧୋଇବା, ଘର ସଫା କରିବା, ପିଲାଛୁଆ ସମ୍ଭାଳିବା ଆଦି କାମକୁ ସହରତଳିର ଲୋକେ ପାଇବେ; ତେଣୁ ଆଇଟି ବାଲାଙ୍କ ଧନର କିଛି ଅଂଶ ସାଧାରଣ ଲୋକଙ୍କ ହାତକୁ ଆସିବ। କମ୍ପାନୀମାନେ ଚାଷଜମିରେ ଆଗୁଆ ବ୍ୟବସାୟ (ଫର୍‌ୱାର୍ଡ ଟ୍ରେଡ଼ିଂ) କଲା ଭଳି ଦଲାଲମାନେ ମଣିଷ ଚାଲାଣରେ ବି ଫରୱାର୍ଡ ଟ୍ରେଡିଂ କରୁଛନ୍ତି। ତୋତେ କାମ ଯୋଗାଇ ଦେବି ତୁ ଜମିବାଡ଼ି ବିକି ବା ଧାର ଉଧାର କରି ମୋତେ ଏତେ ଟଙ୍କା ଦେ କି ସେତେ ଟଙ୍କା ଦେ- ଦଲାଲ ବା ଠିକାଦାରର ଏ କଥାରେ ଭୁଲି ଗରିବଟିଏ ଦୂରଦୂରାନ୍ତର କୋଉ ଇଟାଭାଟିର ମାଲିକ ପାଖରେ ବନ୍ଧା ପଡୁଛି ତ ବେକାର ଲୋକଟିଏ ବିଦେଶକୁ ଚାଲାଣ ହୋଇଯାଉଛି, ତା'ର ପାସ୍‌ପୋର୍ଟଟି ବନ୍ଧକ ହୋଇ ରହିଯାଉଛି। ସେ ମାଗଣା ଖଟିବ ବା ଶରୀରକୁ ବିକି ବଞ୍ଚି ରହିବ, ବଡ଼ ଲୋକ ହେବ କେବେ ?

ଆମ ନେତାଏ ଭୁଲି ଯାଉଛନ୍ତି ଯେ, ଚାକରର ମଜୁରି ବଢ଼ିଲେ ଧନୀ ଲୋକଟିଏ ଝାଡୁଦାର ଓ ପୋଛାପୋଛି ଲୋକ ନ ରଖି ଭାକୁମ୍ କ୍ଲିନର ରଖିବେ, ଲୁଗା ସଫା କରିବାକୁ ବାସନପତ୍ର ମାଜିବାକୁ ୱାଶିଂ ମେଶିନ ଓ ଡିଶ୍ ୱାଶର ମେଶିନ ରଖିବେ। ୫ କି ୭ ନୌକର ନ ରଖି ଜଣେ ଲୋକ ତ ମେଶିନ କାମ କରିନେବ। ତା' କଫିଯନ୍ତ୍ର ତିଆରି କରିବ, ରାସ୍ତାକଡ଼ ଚା' ଦୋକାନୀ ପଇସା ପାଇବ କେଉଁଠୁ? ଦିଲ୍ଲୀର ଧନୀ ବାଳ କଟାଳି (ସେଲୁନ୍ ମାଲିକ) ବାଳକଟା ଦୋକାନ ଖୋଲିବ, ମୁଣ୍ଡକୁ ୫୦୦ ଟଙ୍କା, ଏଥିରେ ଗାଁର ୧୦ ଟଙ୍କିଆ ଭଣ୍ଡାରିର ରୋଜଗାର ଗଲା। ଆଇଟିବାଲାଙ୍କ ଶିଶୁର ଯତ୍ନ ନେବେ ଧନୀ ପରିଚାଳିତ ଡେ କେୟାର ସଂସ୍ଥା, ଗରିବ ଆୟାର ଆବଶ୍ୟକତା ନାହିଁ। ଉପରେ ଥିବା ବଡ଼ ଲୋକଙ୍କଠାରୁ ଆପେ ଆପେ ପଇସା ବୋହିଆସି ଗରିବ ଘରେ ପଶିବ ବୋଲି ପରାଙ୍ଗଭୋଜୀ ନେତାମାନେ କିପରି କହୁଛନ୍ତି? ତଳକୁ ବୋହି ବୋହି, ଭେଦି ଭେଦି ଯିବା ବହୁତ ଧୀର, କାଳ କାଳ ବିତିଯିବ, ଗରିବ ଆର୍ଥିକ ଉଦାରୀକରଣର ଫଳ ପାଇବ ନାହିଁ। ସେତେଦିନ ଯାଏ ଧନୀ ଗରିବର ପାର୍ଥକ୍ୟ ଏକ ବିପ୍ଳବର ଆକାର ଧରି ନ ଥିଲେ ହେଲା !

ବର୍ତ୍ତମାନର ଆହ୍ୱାନ- ଘରୋଇକରଣର ଲାଭ ଥୋପା ଥୋପା ନ ପଡ଼ି ନଈ ଭଳି ବୋହିବା ଦରକାର। ସତ୍ ଉପାୟରେ ବା ନିଜ ଝାଳରେ ରୋଜଗାର କରି କେହି କୋଟିପତି ହୋଇନାହିଁ କି ହୋଇପାରିବ ନାହିଁ। ଦେଶ ଓ ଜାତିର ସମ୍ପଦକୁ ଲୁଟ୍ କରି ବା ସରକାରୀ ମହାପାତ୍ରେଙ୍କୁ ହାତକରି, ସମାଜରେ ଦାଦାଗିରି କରି ସାଧାରଣ ଲୋକଙ୍କୁ ଦୂରେଇ ଦେଇ, ବିଲୁଆ ପରି ଚତୁର ଲୋକେ ରାତାରାତି ଧନୀ ହୁଅନ୍ତି। ଏଭଳି ଲୋକ ଆଗକାଳରେ ଅସାମାଜିକ ଶ୍ରେଣୀରେ ଗଣା ଯାଉଥିଲେ, ଏବେ ଅର୍ଥନୀତିର ଉଦାରୀକରଣରେ ସେମାନେ ସମ୍ମାନନୀୟ ଧନୀ। ଧନ ହିଁ ସମ୍ମାନ ଆଣୁଛି, ଚରିତ୍ର ନୁହେଁ କି ତ୍ୟାଗ ନୁହେଁ। ଧନ ପଛରେ ମାତିଥିବା ଲୋକ ନୀତି ନିୟମ ମାନେ ନାହିଁ, ସେ କେବଳ ପୂଜା କରେ ଟଙ୍କାକୁ। ଅର୍ଥଶାସ୍ତ୍ର ଅର୍ଥର କଥା କହେ ନୀତିର କଥା କହେ ନାହିଁ, ଯାହା ଲାଭ ବଢ଼ାଇଲା ତାହା ହେଲା ଇକୋନମିକ୍ ଆକ୍ଟିଭିଟି: ଲାଞ୍ଚ ଦେବା ଓ ଚୋରି ଜିନିଷ କିଣିବା, ସରକାରଙ୍କ ଠାରୁ ମାଗଣା ବା ରିହାତି ନେବା, ଲୋକଙ୍କୁ ଭୁଲା ବିଜ୍ଞାପନ ଜରିଆରେ ଖରାପ ବା ଶସ୍ତା ଜିନିଷକୁ ବେଶି ଦାମରେ ବିକିବା ଭଳି କାମକୁ ଇକୋନମିକ୍ ଆକ୍ଟିଭିଟି କହନ୍ତି। ଗରାଖ ମରୁ ପଛେ ଯେ ପର୍ଯ୍ୟନ୍ତ ମୋର ଲାଭ ହେଉଛି ମୋ କାମ ଏକ ଇକୋନମିକ ଆକ୍ଟିଭିଟି – ଏ ପ୍ରକାରର ସଂଜ୍ଞା ଘରୋଇକରଣର ମନ୍ତ୍ର ହୋଇ ରହିଥିବା ଯାକେ ସାଧାରଣ ଲୋକଟିଏ ଗରିବ ହୋଇ ରହିଥିବ।

ଇ-ମେଲ୍: sahadevas@yahoo.com

# ଧନୀ ଓ ଧାର୍ମିକ



ଡ. ବାସୁଦେବ ମିଶ୍ର

ଜଣେ ଧନୀଲୋକଠାରେ ଯେତିକି ଧାର୍ମିକ ଭାବନା ଆଶା କରାଯାଏ, ଜଣେ ଜ୍ଞାନୀଲୋକଠାରୁ ଯଥେଷ୍ଟ ଅଧିକ ମାତ୍ରାରେ ଧାର୍ମିକ ବିଚାର, ବିଶ୍ୱାସ ତଥା ଆଚରଣ ଆଶା କରାଯାଏ। ତା'ର କାରଣ ହେଲା, ଧନୀ ଲୋକଟି ଧନ ଆହରଣ କରିବା ସମୟରେ ଧନର ଆକର୍ଷଣରେ କେବେ କେମିତି ନୀତି, ଆଦର୍ଶଠାରୁ ଦୂରେଇଯିବା ବିଚିତ୍ର ନୁହେଁ। କିନ୍ତୁ ଜ୍ଞାନାର୍ଜନ କରୁଥିବା ସମୟରେ ସେପରି ଆଶଙ୍କାର ପ୍ରଶ୍ନ ଉଠେନାହିଁ। ବରଂ ଶାସ୍ତ୍ରପୁରାଣ ପୃଷ୍ଠାରେ ଉଲ୍ଲିଖିତ ଜ୍ଞାନର ସମ୍ଭାରକୁ ଆତ୍ମସ୍ଥ କରି କେହି ବି ଜଣେ ନୀତିବାନ, ଧର୍ମଜ୍ଞ ହୋଇପାରେ।

କିନ୍ତୁ ସର୍ବତ୍ର ଏପରି ଦେଖାଯାଏ ନାହିଁ। କଦାଚିତ୍ ଦେଖାଯାଏ, ଧାର୍ମିକତା ଧନୀ-ଦରିଦ୍ର, ଜ୍ଞାନୀ-ଅଜ୍ଞାନ ନିର୍ବିଶେଷରେ ଥାଏ। ଜଣେ ଧନୀ ହୋଇ ଧାର୍ମିକ ହୋଇପାରେ। ସୁଦାମା ପରି ଦରିଦ୍ର ମଧ୍ୟ ପରମ ଜ୍ଞାନୀ ଓ ଧାର୍ମିକ ହୋଇପାରେ। ମହାମାନୀ ଦୁର୍ଯ୍ୟୋଧନ ହସ୍ତିନାର ରାଜା ତଥା ଅଚଳାଚଳ ସମ୍ପତ୍ତିର ମାଲିକ ହୋଇ ମଧ୍ୟ ଧାର୍ମିକତାର ଧାର ଧାରି ନ ଥିଲେ। ତେବେ ପ୍ରଜାମାନଙ୍କୁ ସୁଶାସନ ଦେବାର ଜ୍ଞାନ ଯେ ତାଙ୍କର ନ ଥିଲା, ତାହା ନୁହେଁ। ପାଣ୍ଡବମାନଙ୍କର ବନବାସ ସମୟରେ ଜଣେ କିରାତ ଦୁର୍ଯ୍ୟୋଧନ-ଶାସିତ ସମଗ୍ର ହସ୍ତିନାପୁର ଭ୍ରମଣ କରି ବନବାସରେ ଥିବା ଯୁଧିଷ୍ଠିରାଦି ପାଣ୍ଡବମାନଙ୍କୁ ରାଜ୍ୟରେ ପ୍ରଜାମାନେ ଅତ୍ୟନ୍ତ ଆନନ୍ଦରେ ଜୀବନଯାପନ କରୁଛନ୍ତି ବୋଲି ଖବର ଦେଇଥିଲେ। ଅନ୍ୟାୟ ଅନୀତିର ମୂର୍ତ୍ତିମନ୍ତ ସ୍ୱରୂପରୂପେ ଜଣାଶୁଣା ଦୁର୍ଯ୍ୟୋଧନଙ୍କଠାରେ ଏତେ ଶୃଙ୍ଖଳିତ ଭାବରେ ରାଜ୍ୟ ଶାସନ କରିବାର ଜ୍ଞାନ ଆସିଲା କେଉଁଠୁ? ବାସ୍ତବରେ ଧର୍ମ ଏବଂ ଅଧର୍ମର ଜ୍ଞାନ ସମସ୍ତଙ୍କଠାରେ ଥାଏ। ଦୁର୍ଯ୍ୟୋଧନଙ୍କର ମଧ୍ୟ ଥିଲା। ହସ୍ତିନାର ପ୍ରଜାମାନେ ପାଣ୍ଡବମାନଙ୍କୁ ଯେପରି ସମ୍ପୂର୍ଣ୍ଣରୂପେ ଭୁଲିଯିବେ, ତାହା ସୁନିଶ୍ଚିତ କରିବା ଲାଗି ସେ ସୁଶାସନ ଦେଉଥିଲେ।

ସ୍ୱଚ୍ଛତାର ସହିତ ଧନ ଅର୍ଜନ କରିବାକୁ ଶପଥ ନେଇଥିବା ଲୋକଟିର କେତେବେଳେ ଅସ୍ୱଚ୍ଛତାର ଶିଉଳିରେ ଗୋଡ଼ ଖସିଯାଏ, ତାହା ସେ ନିଜେ ଜାଣିପାରେ ନାହିଁ। ଅଶେଷ ଜ୍ଞାନର ଅଧିକାରୀ ଅଥଚ ନୀତିଭ୍ରଷ୍ଟ ଲୋକଙ୍କର ଏ ସମାଜରେ ଅଭାବ ନାହିଁ। ଶାସ୍ତ୍ରପୁରାଣରେ ଅଖଣ୍ଡ ଦକ୍ଷତା ଥିବା ଲୋକର ସାଧାରଣ ବ୍ୟବହାର ନିତାନ୍ତ ଅମାର୍ଜିତ ଥିବା ଦେଖାଯାଏ। କଥାରେ କଥାରେ ଗଭୀର ଦର୍ଶନର ବାର୍ତ୍ତା ଉଚ୍ଛୁଳୁଥିବା ଲୋକର ଉଚ୍ଛୃଙ୍ଖଳିତ ଆଚରଣ ଏବଂ ଦୁଷ୍କୃତିପୂର୍ଣ୍ଣ ବ୍ୟବହାର ଦେଖିଲେ ବିସ୍ମୟର ସୀମା ରହେନାହିଁ।

ଯେଉଁଠି ଧନୀ ଲୋକଟିଏ ଜ୍ଞାନୀ ଅବା ଧାର୍ମିକ ହେବା ଦେଖାଯାଏ, ସେଇଠି ସଂସାରର ଅଶେଷ ଉପକାର ସାଧିତ ହେବା ଆଶା କରାଯାଏ। କିନ୍ତୁ ଏପରି ପରିସ୍ଥିତି କ୍ୱଚିତ୍ ଆସେ। ସାଧାରଣତଃ ଆମେ ଯାହା ଦେଖୁ, ଧନ ଅଛି ତ ବିବେକ ନାହିଁ। ଧନ ଅର୍ଜନ କରୁକରୁ ନୀତି-ନୈତିକତାର ଗଣ୍ଡିଲିଟିକୁ କେଉଁଠି ହଜେଇଦିଏ ମଣିଷ। ଜ୍ଞାନ ଅଛି ତ ତାକୁ ଠିକ୍‌ରୂପେ ପ୍ରୟୋଗ କରିବାର ଆକାଙ୍କ୍ଷା ନାହିଁ କି ମାନସିକତା ନାହିଁ। ଜ୍ଞାନକୁ ପ୍ରୟୋଗ କରି ଧନ ଅର୍ଜନ କରିବା ତା'ର ଗୋଟାଏ ନିଶା ହୋଇଯାଉଛି। ଧାର୍ମିକତା ଅଛି ତ ସେ ନିର୍ଦ୍ଧନ ହୋଇଛି। ଧନ ଯାହାପାଖରେ ଅଛି, ତା'ର ନିର୍ବିବେକପଣିଆ ଅନେକଙ୍କୁ କଷ୍ଟ ଦେଉଛି। ଜ୍ଞାନୀ ନିଜର ଜ୍ଞାନକୁ ବିତରଣ କରିବାକୁ ନିଃସ୍ପୃହ ଏବଂ ଅକ୍ଷମ। ଧାର୍ମିକତା ନିନ୍ଦାର ଭଉଁରିରେ। ଯେତେ କମ୍ ହେଉ ପଛେ ନୈତିକତାର ସହିତ ଧନ ଅର୍ଜନ କରିବା ଉଚିତ- ଏପରି ବିଚାର ଆଉ କେଉଁଠି ଦେଖିବାକୁ ମିଳୁନାହିଁ। ପ୍ରକୃତ କଥା ହେଲା- ବଞ୍ଚିବା ପାଇଁ ଯେତିକି ଧନ ଆବଶ୍ୟକ, ତାହା ପ୍ରତିଦିନର ପରିଶ୍ରମ ଦ୍ୱାରା ଅର୍ଜନ କରାଯାଇପାରିବ। ସେପରି ବ୍ୟବସ୍ଥା ବିଧିଦ୍ୱାରା ସ୍ଥିରୀକୃତ। କିନ୍ତୁ ତା'ଦ୍ୱାରା କୁଡ଼କୁଡ଼ ସମ୍ପତ୍ତି ଠୁଳ କରିବା ସମ୍ଭବ ହେବନାହିଁ। ପ୍ରଚୁର ସମ୍ପତ୍ତି ଠୁଳ କରିବାର ଇଚ୍ଛା ଥିଲେ ଅନୈତିକତାର ସାହାଯ୍ୟ ନେବାକୁ ହୋଇଥାଏ। ଆଜିର ସମାଜରେ ଧନର ବହୁଳତାକୁ ସାମାଜିକ ପ୍ରତିଷ୍ଠାର ପ୍ରମୁଖ କାରଣରୂପେ ଗ୍ରହଣ କରାଯାଉ ଥିବାରୁ ଯେ କୌଣସି ମାର୍ଗରେ ଅଣନିଃଶ୍ୱାସୀ ହୋଇ ଧନ ଅର୍ଜନ କରିବାକୁ ସମସ୍ତେ ତତ୍ପର।

ଜଣେ ବିଚାରବାନ୍, ପ୍ରଜ୍ଞାବାନ୍ ଏବଂ ବୁଦ୍ଧିଦୀପ୍ତ ଭାବରେ ସାମାଜିକ ପ୍ରତିଷ୍ଠା ଲାଭ କରିବା ତଥା ସାମାଜିକ କର୍ତ୍ତବ୍ୟ ପାଳନ କରିବା, ଜ୍ଞାନ ଅର୍ଜନ କରିବାର ପ୍ରମୁଖ ଉଦ୍ଦେଶ୍ୟ ବୋଲି ବିବେଚିତ ହୋଇଥାଏ। କିନ୍ତୁ ଆଜିର ଦୁନିଆର ଚିତ୍ର ଅଲଗା। ସେଇଠି ଏସବୁ କଥା ସ୍ୱପ୍ନପ୍ରାୟ ମନେହୁଏ। ଅର୍ଥସଂଗ୍ରହ ହିଁ ଜ୍ଞାନାର୍ଜନର ଏକମାତ୍ର ଉଦ୍ଦେଶ୍ୟ ବୋଲି ସାଧାରଣଭାବେ ଗ୍ରହଣ କରାଯାଏ। ଜ୍ଞାନ ଏବଂ ଧନ ଏ ଦୁହେଁ ସତେ ଯେମିତି ନିକିତିର ଦୁଇପାଖରେ ପଡି ଅନବରତ ତଉଲି ହେଉଥାନ୍ତି। ଅଧିକ ପାଠପଢ଼ି ଯେଉଁମାନେ ପ୍ରତିଷ୍ଠା ଲାଭକରନ୍ତି, ସେମାନେ କର୍ତ୍ତବ୍ୟନିଷ୍ଠା ତଥା ସାମାଜିକ ଦାୟିତ୍ୱକୁ ଭୁଲି କେବଳ ଧନସଂଗ୍ରହରେ ମନୋନିବେଶ କରନ୍ତି। ବ୍ୟଭିଚାର-ଅସାମାଜିକତାର ନଗ୍ନ ରୂପ। ଚୋରି କରିବା, ଲାଞ୍ଚ ଗ୍ରହଣ କରିବା ପରି ଅସ୍ୱୀକୃତ ଯୌନ ଲାଳସା ଚରିତାର୍ଥ କରିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଯାଏ। ଅସ୍ୱଚ୍ଛ ମନସହିତ ଅସାମାଜିକତାର ଶିଉଳିରେ ଥରେ ଗୋଡ଼ ଖସିବା ଆରମ୍ଭ ହେଲେ ତାହା କେବେ କେଉଁଆଡେ ଯାଏ ତା'ର ହିସାବ ମିଳେନା। ମନୁଷ୍ୟର ମନ ଅର୍ଥସର୍ବସ୍ୱ ହେଲେ ତା'ର ପରିଣାମ ଭୟଙ୍କର ହୋଇଯାଏ। ଆଜିକାଲି ଲବ୍ଧପ୍ରତିଷ୍ଠ ବ୍ୟକ୍ତିମାନଙ୍କର ବିଭିନ୍ନ କାରନାମାରେ ଧରାପଡି ଗିରଫ ହୋଇ ପୋଲିସ ଗାଡ଼ିରେ ହାଜତକୁ ନିଆଯାଉଥିବାର ଦୃଶ୍ୟ ପ୍ରାୟ ଆଖିରେ ପଡ଼େ। ସେଥିରେ ଆମେ ସାଧାରଣ ଜନତା ଖୁସି ହେବା ନା ଦୁଃଖ କରିବା ?

ଦଶରଥପୁର, ଯାଜପୁର,
ମୋ- ୯୪୩୮୩୨୮୭୫୫

## ଏଇ ଭାରତରେ

ପଶ୍ଚିମ ଦିଲ୍ଲୀରେ ଏପରି ଏକ ଗାଁ ଅଛି, ଯାହା ସମସ୍ତଙ୍କ ପାଇଁ ଅନୁକରଣୀୟ ଓ ଆଦର୍ଶ ସ୍ଥାନୀୟ। ଏହାକୁ ଯଥାର୍ଥରେ ଭଗବାନଙ୍କ ବଗିଚା ବୋଲି କୁହାଯାଏ। ଏହି ଗାଁର ଲୋକେ ପରିମଳ ଲାଗି ସରକାରଙ୍କ ଉପରେ ନିର୍ଭର କରି ନ ଥାନ୍ତି। ଗାଁର ପରିବେଶକୁ ସମସ୍ତେ ମିଳିମିଶି ସଫାସୁତୁରା ରଖନ୍ତି। ପରିବେଶ ପରିଷ୍କାର ରହିଲେ ଏହା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଏ ବୋଲି ସମସ୍ତେ ଜାଣନ୍ତି। ଗାଁର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଗାଁକୁ ସଫା ରଖନ୍ତି। ଏଥିପାଇଁ ସେମାନେ ଦିନସାରା ଲାଗିରହି ପରିଶ୍ରମ କରିଥାଆନ୍ତି। ପରିବେଶକୁ ସୁନ୍ଦର ରଖିବା ପାଇଁ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ଏହି ଗାଁର ଲୋକମାନେ ପରାମର୍ଶ ଦେଇଥାଆନ୍ତି। ଉକ୍ତ ଗାଁର ନାମ ମାବଲ୍ୟାନାଙ୍ଗ। ଗାଁର ଶତ ପ୍ରତିଶତ ଲୋକ ସାକ୍ଷର। ଏଠାରେ ରହିଛି ଏକ ନିଆରା ପରମ୍ପରା। ପରିବାରର ସମସ୍ତ ସମ୍ପତ୍ତି ବଡ଼ ଝିଅକୁ ଦିଆଯାଇଥାଏ। ଫଳରେ ବିବାହ ପରେ ଜ୍ୱାଇଁ ଶ୍ୱଶୁରଘରେ ହିଁ ରହିଥାଆନ୍ତି। ଏଠାକାର ସୁନ୍ଦର ପରିବେଶ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ପ୍ରତିବର୍ଷ ଏଠାକୁ ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ପରିଭ୍ରମଣରେ ଆସି ଥାଆନ୍ତି। ପ୍ରାକୃତିକ ଦୃଷ୍ଟିରୁ ଅତ୍ୟନ୍ତ ମନୋରମ ଏହି ଗାଁକୁ ଭଗବାନଙ୍କ ବଗିଚା ବୋଲି କୁହାଯାଏ। ଆମ ଦେଶର ଅନ୍ୟ ଗାଁଗୁଡିକ ପାଇଁ ଏହା ଆଦର୍ଶ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜାନୁୟାରୀ ୧୯୯୪

- ଟୋଗୋର ସାମରିକ ଶାସନ ତଥା ରାଷ୍ଟ୍ରପତି ନାସିଙ୍ଗବେ ଇୟାଡେମାଙ୍କୁ ହତ୍ୟା ପାଇଁ ହୋଇଥିବା ଉଦ୍ୟମରେ ୪୦ଜଣଙ୍କ ମୃତ୍ୟୁ।
- ପୂର୍ବତନ ଯୁଗୋସ୍ଲାଭିଆରେ କାର୍ଯ୍ୟରତ ଜାତିସଂଘ ସୁରକ୍ଷାବାହିନୀରେ ରୁଷିଆ ପ୍ରତିରକ୍ଷା ବାହିନୀର ୩୦୫ ଜଣ କର୍ମକର୍ତ୍ତା ଯୋଗ ଦେଇଥିବା ସୂଚନା।
- ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି) ଓ ସାଧାରଣ ବୀମା ନିଗମ (ଜିଆଇସି) ଭଳି ବୀମା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରି ଏହାକୁ ଘରୋଇକରଣ କରିବା ପାଇଁ ମାଲହୋତ୍ରା କମିଟିର ରିପୋର୍ଟରେ ପ୍ରସ୍ତାବ।

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ କର୍ମଚାରୀଙ୍କ ଅବସର ବୟସ

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ବର୍ଗର କର୍ମଚାରୀଙ୍କ ବେତନ ଓ ଅବସର ବୟସରେ ତାରତମ୍ୟ ରଖିଛନ୍ତି। ଠିକା କର୍ମଚାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରି ଦୀର୍ଘଦିନ ଧରି ସେମାନଙ୍କ ବେତନ ବୃଦ୍ଧି କରାଯାଉନାହିଁ। ଡାକ୍ତର, ଅଧ୍ୟାପକଙ୍କ ଅବସରକାଳୀନ ବୟସସୀମା ୬୫ ବର୍ଷ ହୋଇଥିବାବେଳେ ଅନ୍ୟ କର୍ମଚାରୀଙ୍କର ଏହା ୬୦ ବର୍ଷ ରଖାଯାଇଛି। ରାଜନେତାଙ୍କ ଅବସର ବୟସସୀମା ନାହିଁ। ମୋ ମତରେ ରାଜ୍ୟର ଓ ଦେଶର ସମସ୍ତ ସରକାରୀ କର୍ମଚାରୀଙ୍କ ଅବସରକାଳୀନ ବୟସସୀମା ସମାନ ରଖାଯିବା ଉଚିତ। ଏହାଦ୍ୱାରା ଗଣତନ୍ତ୍ରର ମୂଲ୍ୟବୋଧ ରକ୍ଷା ହୋଇପାରିବ। ଏହାକୁ ନେଇ ବିଭିନ୍ନ କର୍ମଚାରୀଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ଅସନ୍ତୋଷ ମଧ୍ୟ ଦୂର ହୋଇପାରିବ।

ସୁଶାନ୍ତ ଜେନା, ଚଣ୍ଡିଖୋଲ, ଯାଜପୁର

### ମୋବାଇଲ ନିଶା

କଥାରେ ଅଛି- ପାନ ବିଡ଼ି ନୁହେଁ ଛୋଟିଆ ନିଶା, ଜଣାପଡ଼େ ନାହିଁ ଟାଣେ ପଇସା। କିନ୍ତୁ ବର୍ତ୍ତମାନ ଯୁଗରେ ମୋବାଇଲ ଏହି ନିଶାର ସ୍ଥାନ ନେଇଛି। ମୋବାଇଲ କମ୍ପାନୀଗୁଡ଼ିକ ଗ୍ରାହକଙ୍କୁ ନାନା ପ୍ରଲୋଭନ ଜାଲରେ ପକାଇଲା ପରେ ସେମାନେ ଆଉ ମୋବାଇଲ ଛାଡ଼ି ରହିପାରନ୍ତି ନାହିଁ। ଦରକାର ପଡ଼ିଲେ ନ ଖାଇ ମଧ୍ୟ ମୋବାଇଲ ରିଚାର୍ଜ କରିଥାନ୍ତି। ଦୁଃଖର କଥା, ଗ୍ରାହକମାନଙ୍କ ଏହି ମୋବାଇଲ ନିଶାର ସୁଯୋଗ ନେଇ କମ୍ପାନୀଗୁଡ଼ିକ ଲୁଟୁଛନ୍ତି। ମୋବାଇଲ ଅପରେଟିଂ କମ୍ପାନୀଗୁଡ଼ିକ ଏପରି ମନମୁଖି କାର୍ଯ୍ୟ ବନ୍ଦ କରିବା ଉଚିତ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ଈଶ୍ୱର କ୍ଷମା ଦେବେ ନାହିଁ

କେନ୍ଦ୍ରାପଡାର ବାଲିସୁଆଁରେ ଯୌତୁକ ନିର୍ଯାତନାର ଶିକାର ହୋଇ ବୋହୂ ନିଆଁରେ ପୋଡି ପ୍ରାଣ ହରାଇବାର ଦୁଃଖଦ ଖବର ପ୍ରକାଶ ପାଇଛି। ମାତାପିତା କୋଳରେ ସ୍ନେହଶ୍ରଦ୍ଧାରେ ଛୋଟରୁ ବଡ଼ ହୋଇ ସଂସାରର କୁଟିଳ ମାନସିକତାର ଲେଶମାତ୍ର ଅଭିଜ୍ଞତା ନ ଥିବା ଝିଅଟି ଶାଶୁଘରେ ସବୁ ଲୋକଙ୍କୁ ଆପଣାର କରିବା ପ୍ରୟାସରେ ଥିବାବେଳେ ଅଚାନକ ଏପରି ବୀଭତ୍ସ ଯନ୍ତ୍ରଣାଦାୟକ ମୃତ୍ୟୁ ଯେ ପୁରସ୍କାର ସ୍ୱରୂପ ମିଳିବ ଏ କଥା ସେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିବ। ଏହାର ଫଳାଫଳ ଯେ କେତେ ବିଷମୟ ଏହି ଯୌତୁକଲୋଭୀମାନେ ଏବେ ବୁଝିପାରୁ ଥିବେ, ଯେତେବେଳେ ମା ଓ ୪ ଝିଅ ଗିରଫ ହୋଇ ଅନିର୍ଦ୍ଦିଷ୍ଟ କାଳ ଜେଲରେ ରହିବେ। ଘର ବି ପୋଡିଗଲା, ବାସହରା ହେଲେ। ଏବେ କାରାଗାରରେ ଘୃଣ୍ୟ ଜୀବନ କଟାଇବେ ଅନ୍ୟ ଅଭିଯୁକ୍ତମାନଙ୍କ ସହ। ବୁଦ୍ଧି, ବିବେକ କ'ଣ ସବୁ ଲୋପ ପାଇଲା ଟଙ୍କା ପଚାଶ ହଜାର ପାଇଁ? ଈଶ୍ୱର ଏମାନଙ୍କୁ କ୍ଷମା ଦେବେନି।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆବେଦନ ଫର୍ମ ପାଇଁ ଠେଲାପେଲା

**ଖଇରା, ୭।୧(ଡି.ଏନ.ଏ.)**

ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ କାଳିଆ ଯୋଜନା ପ୍ରଣୟନ କରିଛନ୍ତି। ତେବେ ଏହି ଯୋଜନାରେ ବିଭ୍ରାଟ ଦେଖାଦେଇଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଖୁବ୍‌ଶୀଘ୍ର ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଖଇରା ବ୍ଲକର ୩୭ ପଞ୍ଚାୟତର ଚାଷୀ ଏବଂ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

କାଳିଆ ଯୋଜନାରେ ସାମିଲ ହୋଇଥିବା ଚାଷୀମାନଙ୍କ ଏକ ତାଲିକା ପ୍ରତ୍ୟେକ ପଞ୍ଚାୟତ କାନ୍ଥରେ ଲଗାଯାଇଛି। ହେଲେ ବହୁ ଯୋଗ୍ୟ ଚାଷୀ ନାମ ତାଲିକାରୁ ବାଦ୍ ପଡିଛି। ବାଦ୍‌ପଡିଥିବା ଚାଷୀଙ୍କୁ ଆବେଦନ କରିବାକୁ ସରକାର ୧୦ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିବାବେଳେ ଶୁକ୍ରବାରଠାରୁ ବିଭିନ୍ନ ପଞ୍ଚାୟତରେ ଫର୍ମ ଦାଖଲ ଆରମ୍ଭ ହୋଇଛି। ତେବେ ପଞ୍ଚାୟତରୁ ପର୍ଯ୍ୟାପ୍ତ ଆବେଦନ ଫର୍ମ ମିଳୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସରକାରୀ ବିଜ୍ଞପ୍ତି ଅନୁଯାୟୀ ତାଲିକାରୁ ଯେଉଁ ଚାଷୀଙ୍କର ନାମ ବାଦ୍ ପଡ଼ିଥିବ ସେମାନେ ପଞ୍ଚାୟତରୁ ମିଳୁଥିବା ନୀଳଫର୍ମ ମାଧ୍ୟମରେ ଆବେଦନ କରିପାରିବେ। ସେହିଭଳି ଭାବେ ଯେଉଁମାନେ ନାମ ବାଦ କରିବାକୁ ଚାହିଁବେ ସେମାନେ ନାଲି ଫର୍ମରେ ଆବେଦନ କରିପାରିବେ। ହେଲେ ପଞ୍ଚାୟତରେ ଫର୍ମ ସରିଯିବା ଓ କିଛି ପଞ୍ଚାୟତରେ ଫର୍ମ ପାଇଁ ୫ରୁ ୧୦ଟଙ୍କା ଆଦାୟ କରାଯିବା ଚାଷୀମାନଙ୍କ ପ୍ରତି ଉପହାସ ବୋଲି ଗୋବିନ୍ଦପୁର ପଞ୍ଚାୟତର କୃଷକ ନେତା ଶ୍ରୀଧର ତ୍ରିପାଠୀ କହିଛନ୍ତି। ସରକାର ଚାଷୀଙ୍କ ସୁବିଧା ଲାଗି ଆବେଦନ ପୂର୍ବରୁ ପର୍ଯ୍ୟାପ୍ତ ଫର୍ମ ଯୋଗାଇ ଦେଇଥିଲେ ଆଜି ପଞ୍ଚାୟତରେ ଚାଷୀଙ୍କ ମଧ୍ୟରେ ଠେଲାପେଲା ହୋଇ ନ ଥାନ୍ତା ବୋଲି ମହତୀପୁର ଗ୍ରାମର ଚାଷୀ ସୀତାମଣି ମହାପାତ୍ର କହିଛନ୍ତି। ଏହି ଫର୍ମ ପାଇଁ ସୋମବାର ତୃତୀୟ ଦିବସରେ ମଧ୍ୟ ଚାଷୀଙ୍କ ମଧ୍ୟରେ ଠେଲାପେଲା ଲାଗି ରହିବା ଦୁଃଖର ବିଷୟ ବୋଲି ଭାରତୀୟ କିଶାନ ସଂଘର ଜିଲା ସଭାପତି ବିଶ୍ୱନାଥ ସେଣ୍ଠ କହିଛନ୍ତି। ଏ ସମ୍ପର୍କରେ ଖଇରା ବ୍ଲକର ସହକାରୀ କୃଷି ଅଧିକାରୀ ବାସୁଦେବ ଶତ୍‌ପଥୀଙ୍କୁ ଯୋଗାଯୋଗ କରିବାରେ ଶନିବାର ସୁଦ୍ଧା ପ୍ରତି ପଞ୍ଚାୟତକୁ ୨୪୫ଖଣ୍ଡ କରି ଫର୍ମ ଯୋଗାଇ ଦିଆଯାଇଥିଲା। ପୁଣି ସୋମବାର ୩୭ଟି ପଞ୍ଚାୟତକୁ ୭ହଜାର ଫର୍ମ ଯୋଗାଇ ଦିଆଯାଇଛି। ହେଲେ ପ୍ରତି ପରିବାରରୁ ଜଣେ ପରିବର୍ତ୍ତେ ଅଧିକ ସଂଖ୍ୟକ ସଦସ୍ୟ ଆବେଦନ କରୁଥିବାରୁ ସମସ୍ୟା ଦେଖାଦେଉଛି ବୋଲି କହିଛନ୍ତି।

**କାଳିଆ ଯୋଜନା**


ଶ୍ୟାମସୁନ୍ଦରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଫର୍ମ ପାଇଁ ଚାଷୀଙ୍କ ଭିଡ।

## ସଂକ୍ଷେପରେ

### ବେଳାଭୂମିରେ କବିତା ଆସର

**ବାଲେଶ୍ୱର ଅଫିସ, ୭।୧:** ନବବର୍ଷକୁ ସ୍ୱାଗତ ଜଣାଇ ବାଲେଶ୍ୱର ଜିଲାର ଯୁବ କବୟିତ୍ରୀ ଓ କବି ଗୋଷ୍ଠୀ ଚାନ୍ଦିପୁରର ମନୋରମ ବେଳାଭୂମିରେ 'ସମୁଦ୍ରକୁ ନେଇ ସାହିତ୍ୟ ଓ ସାହିତ୍ୟକୁ ନେଇ ସମୁଦ୍ର' ଶୀର୍ଷକ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ଲିପିରେଖା ମହାପାତ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ କବି ମଧୁସୂଦନ ମିଶ୍ର ଓ ସନ୍ନ୍ୟାସୀ ପାତ୍ର ସଂଯୋଜନା କରିଥିଲେ। କବି ପ୍ରବୀର କମିଲା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଯୁବ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ମାଧ୍ୟମରେ ଆସରକୁ ଆକର୍ଷଣୀୟ କରିଦେଇଥିଲେ। କବି ରଣଜିତ ପୃଷ୍ଟି, ପ୍ରବୀର କମିଲା, ଶାଶ୍ୱତୀ କର, ମଧୁସୂଦନ ମିଶ୍ର, ଇନାୟତ ଅଲ୍ଲୀ ଖାନ୍ ଓ ସନ୍ନ୍ୟାସୀ ପାତ୍ର ପ୍ରମୁଖଙ୍କ ସହଯୋଗରେ କବିତା ଆସର ସଫଳ ହୋଇଥିଲା।

### କାଠ ବୋଝେଇ ଗାଡି ଜବତ

**ନୀଳଗିରି, ୭।୧(ଡି.ଏନ.ଏ.):** ନୀଳଗିରି ବନବିଭାଗ ରେମୁଣା ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ସୋମବାର ଚଢ଼ାଉ କରି ଶାଳ ଗଣ୍ଡି ବୋଝେଇ ଏକ ଗାଡି (ନଂ.ଓଆର -୦୧-ଏଫ-୧୦୪୫) ଜବତ କରିଛି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏନେଇ ବିଭାଗରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୭୫ହଜାର ହେବ ବୋଲି ବନକ୍ଷେତ୍ରାଧିକାରୀ ସୁକୁମାର ଦାସ କହିଛନ୍ତି। ବନକ୍ଷେତ୍ରାଧିକାରୀଙ୍କ ନେତୃତ୍ୱରେ ବନପାଳ ଦେବରାଜ ରାଉତ, ମିତ୍ରପୁର ବନପାଳ ଗଣେଶ ପ୍ରସାଦ ଲେଙ୍କାଙ୍କ ସମେତ ବନ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

### ଭୋଗରାଇ ଉତ୍ସବରେ ୩୧ୟୁନିଟ୍ ରକ୍ତ ସଂଗ୍ରହ

**ଭୋଗରାଇ, ୭।୧(ଡି.ଏନ.ଏ.):** ଭୋଗରାଇ ଉତ୍ସବର ଷଷ୍ଠ ଦିବସରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସାମାଜିକ କର୍ମୀ ଅଧୀର ଗିରି ଗୋସ୍ୱାମୀଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ୩୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ଶିବିରକୁ ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ର ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ରକ୍ତ ସଂଗ୍ରହାଳୟର ଡାକ୍ତର ସହ ସ୍ୱାସ୍ଥ୍ୟକର୍ମୀମାନେ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ରକ୍ତ ସଂଗ୍ରହ କରିଥିଲେ। ଉତ୍ସବ କମିଟିର ବରିଷ୍ଠ ଓ କନିଷ୍ଠ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

### ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ସୋର, ୭।୧(ଡ଼ି.ଏନ.ଏ.)-**ସୋର ବ୍ଲକ ତଳନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ୧୨ଦିନିଆ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଅଧକ୍ଷ ଅଶୋକ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ଶିବିରରେ ଏଫ୍‌ଏମ୍ ଜୁନିୟର କଲେଜ ପ୍ରଶିକ୍ଷଣ ସଂଯୋଜକ ସନ୍ତୋଷ କୁମାର ରାଉତ ଓ ଅଧାପକ ମାନସ ରଞ୍ଜନ ଦାସ ଯୋଗ ଦେଇଥିଲେ । ଏହାକୁ ଅଧାପିକା ମେନକା ମହାପାତ୍ର ସଞ୍ଚାଳନ କରିଥିଲେ। ମାଷ୍ଟର ଟ୍ରେନର ସ୍ୱର୍ଣ୍ଣମୟୀ ପଟ୍ଟନାୟକ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ । ସମସ୍ତ ଅଧାପକ, କର୍ମଚାରୀ ସହଯୋଗ କରିଥିଲେ ।

### ସମବାୟ ସମିତି ପୂର୍ବତନ ସମ୍ପାଦକଙ୍କ ପରଲୋକ

**ଖଇରା, ୭।୧(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ ଗଡପୋଖରୀ ପଞ୍ଚାୟତ ଗୁଆପାଳ ଗ୍ରାମ ନିବାସୀ ତଥା ଗଡ଼ପୋଖରୀ ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ବଟକୃଷ୍ଣ ମହାପାତ୍ର(୮୬)ଙ୍କ ୪ତାରିଖରେ ପରଲୋକ ହୋଇଯାଇଛି। ଗ୍ରାମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

### ସ୍ମୃତିସଭା

**ଖଇରା, ୭।୧(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ କୁପାରୀର ଧର୍ମପ୍ରାଣା ମହିଳା କମଳାମଣି ନାୟକଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳ ଏଥିରେ ଅଧକ୍ଷତା କରିଥିଲେ। ଡା ଉମେଶଚନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପଣ୍ଡିତ ଭୋଳାନାଥ ଦାସ ଭଗବତ ଗୀତା ପାଠ କରିଥିଲେ। ଅନନ୍ତ ମହାପାତ୍ର, ମହେଶ୍ୱର ମହାପାତ୍ର, ପ୍ରିୟଙ୍କା ନାୟକ ପ୍ରମୁଖ କବିତା ପାଠ କରିଥିଲେ। ରବୀନ୍ଦ୍ର ଦାସ, ବାବାଜୀ ଚରଣ ଦାସ, ଶତ୍ରୁଘ୍ନ ଦାସ, ଜଗନ୍ନାଥ ମହାପାତ୍ର, ସୁରେନ୍ଦ୍ର ବଳବନ୍ତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୁରୁଷୋତ୍ତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ପ୍ରଥମ
# ୧୫ରୁ ଆରମ୍ଭ 'ସ୍ନୋ ଫେଷ୍ଟ'

**ବାଲେଶ୍ୱର ଅଫିସ, ୭।୧**

ବାଲେଶ୍ୱର ଜିଲାରେ ପ୍ରଥମଥର ପାଇଁ ଆସନ୍ତା ଜାନୁୟାରୀ ୧୫ ଓ ୧୬ ଦୁଇଦିନ ଧରି ଗାନ୍ଧୀ ସ୍ମୃତି ଭବନରେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ 'ସ୍ନୋ ଫେଷ୍ଟ' ଆୟୋଜନ କରାଯିବ। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ଧୀରେନ ନାୟକ ସୂଚନା ଦେଇଛନ୍ତି।

ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୨ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ମହୋତ୍ସବରେ ଯୋଗଦେବା ସହ ସବ୍‌ଜୁନିୟର, ଜୁନିୟର, ସିନିୟର ୩ଟି ଗ୍ରୁପ୍ ମାଧ୍ୟମରେ ଚିତ୍ରାଙ୍କନ, ରାଇମ୍ସ, ଫ୍ୟାନ୍ସିଡ୍ରେସ୍, ମ୍ୟୁଜିକ୍ ଚେୟାର, ମଡର୍ନ ଡ୍ୟାନ୍ସ, କ୍ଲାସିକାଲ ଡ୍ୟାନ୍ସ, ଗ୍ରୁପ ଡ୍ୟାନ୍ସ, ସଙ୍ଗୀତ, ଏକକ ଅଭିନୟ, ସାଧାରଣ ଜ୍ଞାନ, ବକ୍ତୃତା, ରଙ୍ଗୋଲି, ଗ୍ରୁପ୍ ଅନ୍ତାକ୍ଷରୀ ଓ ମିଷ୍ଟର ଓଡ଼ିଶା, ମିସ୍ ଓଡ଼ିଶା ପ୍ରତିଯୋଗିତା ଏବଂ ପୁରୁଷମାନଙ୍କ ମଧ୍ୟରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଭାଗନେବା ପାଇଁ ପ୍ରତିଯୋଗୀମାନେ ଆସନ୍ତା ଜାନୁୟାରୀ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ସେମାନଙ୍କ ନାମ ଗାନ୍ଧୀ ସ୍ମୃତି ଭବନରେ ପଞ୍ଜୀକୃତ କରିପାରିବେ। ଏଥିପ୍ରତି କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। କୃତି ପ୍ରତିଯୋଗୀଙ୍କୁ ନଗଦ ଅର୍ଥ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯିବ। ବହୁ ନାମୀଦାମୀ କଳାକାର, ସଙ୍ଗୀତଜ୍ଞ ଯୋଗଦେଇ ଏହି ମହୋତ୍ସବରେ ଦର୍ଶକମାନଙ୍କୁ ମନୋରଞ୍ଜନ କରିବେ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଶୁଭମ ସାଇ ମହାପାତ୍ର, ସମ୍ପାଦକ ଡ. ସ୍ମୃତିରଞ୍ଜନ ଦାସ, ଉପସଭାପତି ଭାଗ୍ୟଉଦିତ ଦାସ ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ଭବାନୀ ମହାନ୍ତି, ସହସାଧାରଣ ସମ୍ପାଦକ ସତ୍ୟଶଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀ 'ସ୍ନୋ ଫେଷ୍ଟ' କମିଟିର କର୍ମକର୍ତ୍ତା।

## ବ୍ଲକ ସମ୍ମୁଖରେ ଅନଶନ ପ୍ରତ୍ୟାହୃତ

**ସୋର, ୭।୧(ଡ଼ି.ଏନ୍.ଏ.)**

ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତରେ ମଧୁବାବୁ ପେନସନ୍ ଯୋଜନାରେ ହିତାଧିକାରୀଙ୍କୁ ବାଦ୍ ଦିଆଯାଉଥିବା ପ୍ରତିବାଦରେ ସୋମବାର ସୋର ବ୍ଲକ ସମ୍ମୁଖରେ ଆମରଣ ଅନଶନ ଦିଆଯାଇଥିଲା। ଗତ ୯।୧୦।୧୮ ତାରିଖରେ ନୂଆ କରି ଆସିଥିବା ମଧୁବାବୁ ପେନ୍‌ସନ୍ ଯୋଜନାରେ ୫୦ଜଣଙ୍କୁ ଚୟନ କରାଯାଇଥିଲା। ଏଥିରେ କେତେଜଣଙ୍କୁ ବାଦ୍ ଦିଆଯାଇଥିଲା। ଏହାର ପ୍ରତିବାଦରେ ପୂର୍ବ ନିଷ୍ପତ୍ତି ଅନୁସାରେ ଅନଶନ କରାଯାଇଥିଲା । ବିଡ଼ିଓ ଚାଲର୍ସ ନାୟକ ଅନଶନକାରୀଙ୍କ ସହିତ ଆଲୋଚନା କରିବା ସହିତ ଉପଜିଲାପାଳଙ୍କ ସହିତ ଆଲୋଚନା କରି ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବ ପରେ ଅନଶନ ହଟିଥିଲା।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା
ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ balasoreselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏସବୁ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ସେୟାର କରନ୍ତୁ। ଆମ ଫେସବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର


ସତ୍ୟ


ନାରାୟଣ


ଭାଗ୍ୟଶ୍ରୀ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# ଗଡ଼ିଲା ଇଭିଏମ, ଭିଭିପାଟ୍ ସଚେତନତା ରଥ

**ବାଲେଶ୍ୱର ଅଫିସ, ୭।୧**

ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ପରିସରରେ ସୋମବାର ପୂର୍ବାହ୍ନରେ ବାହାରିଥିବା ଇଭିଏମ ଓ ଭିଭିପାଟ୍ ସଚେତନତା ରଥକୁ ଜିଲାପାଳ ରମେଶ ଚନ୍ଦ୍ର ରାଉତ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଜିଲାର ୮ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀର ୧୮୮୭ଟି ବୁଥ୍‌କୁ ଏହା ପରିକ୍ରମା କରିବା ସହ ସମସ୍ତ ରାଜସ୍ୱ ଗ୍ରାମଗୁଡ଼ିକୁ ଯାଇ ଭୋଟରମାନଙ୍କୁ ସଚେତନ କରାଇବ। ୫୬ ଟିମ୍ ଏବଂ ପ୍ରତି ଟିମ୍‌ରେ ୫ଜଣ ତାଲିମପ୍ରାପ୍ତ କର୍ମଚାରୀ ମୁତୟନ କରାଯାଇ ପ୍ରତିଦିନ ସକାଳ ୯ଟା ଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ୪ଟି ରାଜସ୍ୱ ଗ୍ରାମ ପରିକ୍ରମା କରିବା ପାଇଁ ରୁଟ୍ ଚାର୍ଟ ପ୍ରସ୍ତୁତ କରାଯାଇଛି। ସେମାନେ ପ୍ରତି ଗ୍ରାମରେ ମକ୍‌ପୋଲ କରି ଭୋଟରଙ୍କ ମନରେ ଥିବା ଇଲେକ୍ଟ୍ରୋନିକ ମେଶିନରେ ଭୋଟ ଦେବାର ଭୟ ଓ ଆଶଙ୍କାକୁ ଦୂର କରିବେ। ପ୍ରତି ମକ୍‌ପୋଲରେ ୧୦୦ରୁ ୧୨୦ଜଣ ଭୋଟରଙ୍କୁ ସାମିଲ କରାଯାଇ ପ୍ରକ୍ରିୟା ଜାରି ରହିବ। ୩୦ରୁ ୩୫ ଦିନ ମଧ୍ୟରେ ସାରା ଜିଲାରେ ଏହି କାର୍ଯ୍ୟକ୍ରମ ଶେଷ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଏହି ଅଭିଯାନ ଯେପରି ଲୋକ ଦେଖାଣିଆ ନ ହୋଇ ତା'ର ମୂଳ ଉଦ୍ଦେଶ୍ୟ ପୂରଣ କରିବ ସେଥିପାଇଁ ଜିଲାର ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଉପଜିଲାପାଳ ନୀଲୁ ମହାପାତ୍ର, ନିର୍ବାହୀ ଅଧିକାରୀ କାହ୍ନୁଚରଣ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ ଓ ସହକାରୀ ଜିଲାପାଳ ମନୋଜ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



ସଚେତନତା ରଥକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ନୀଳଗିରି, ୭।୧(ଡି.ଏନ.ଏ.):** ନୀଳଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ରମେଶ ଚନ୍ଦ୍ର ରାଉତ ଇଭିଏମ- ଭିଭିପାଟ ସଚେତନ ରଥକୁ ଆନୁଷ୍ଠାନିକ ଭାବେ ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ଭୋଟରମାନେ ଇଭିଏମ-ଭିଭିପାଟ ମେଶିନ କିପରି ବ୍ୟବହାର କରିବେ ଓ ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ ସମ୍ପର୍କରେ ଜିଲାପାଳ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ଫେବୃୟାରୀ ୧୫ ତାରିଖ ଜାରି ରହିବ। ସ୍ଥାନୀୟ ନିର୍ବାଚନମଣ୍ଡଳୀର ପ୍ରତିଦିନ ୪ଟି ରାଜସ୍ୱ ଗାଁରେ ଟିମ୍ ପହଞ୍ଚି ଭୋଟରଙ୍କୁ ଇଭିଏମ-ଭିଭିପାଟ ମେଶିନ ବ୍ୟବହାର ସମ୍ପର୍କରେ ମକପୋଲ କରି ଅଭ୍ୟସ୍ତ କରାଇବେ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ସ୍ଥାନୀୟ ଉପଜିଲାପାଳ ବିଶାଳ ସିଂହ ସମେତ ବିଭାଗୀୟ ଅଧିକାରୀ ସାମିଲ ଥିଲେ।

## ଧର୍ମଘଟରେ ସାମିଲ ହେବ ଏସ୍‌ୟୁସିଆଇ, ଅଟୋ ୟୁନିୟନ

**ଭୋଗରାଇ, ୭।୧(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ଜନସ୍ୱାର୍ଥ ବିରୋଧୀ ନୀତି ବିରୋଧରେ ଆସନ୍ତା ୮ ଏବଂ ୯ ତାରିଖ ବିଭିନ୍ନ ଟ୍ରେଡ଼ ୟୁନିୟନ ପକ୍ଷରୁ ଦିଆଯାଇଥିବା ଦେଶବ୍ୟାପୀ ଧର୍ମଘଟକୁ ସଫଳ ନିମନ୍ତେ ଭୋଗରାଇ ଏସ୍‌ୟୁସିଆଇ କାର୍ଯ୍ୟ ହାତକୁ ନେଇଛନ୍ତି। ଏସ୍‌ୟୁସିଆଇ ଦଳ ସମର୍ଥିତ ଶ୍ରମିକ ଓ ଛାତ୍ର ସଙ୍ଗଠନର ଶତାଧିକ କର୍ମୀ ଥାନାଛକ ଏବଂ ଚନ୍ଦନେଶ୍ୱରରେ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଅବରୋଧ କରିବା ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପିକେଟିଂ କରିବେ ବୋଲି ଦଳ ପକ୍ଷରୁ ନିରାକାର ପାଣ୍ଡବ, କ୍ରିଷ୍ଣାରାଣୀ ସାହୁ, ସୁକୁମାର ସାହୁ, ସରୋଜିନୀ ମହାନ୍ତି, ହରେକୃଷ୍ଣ ଦାସ, ପ୍ରଶାନ୍ତ ଦାସ ପ୍ରମୁଖ ନେତୃମଣ୍ଡଳୀ ଘୋଷଣା କରିଛନ୍ତି। ସେହିପରି ଭୋଗରାଇ ଅଟୋ ୟୁନିୟନ ସଭାପତି ଅମର କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ବାଞ୍ଛାନିଧି ମାହାନା, ସାଧାରଣ ସମ୍ପାଦକ ସ୍ୱରୂପ କୁମାର ଦାସ ପ୍ରମୁଖ କର୍ମକର୍ତ୍ତାମାନେ ଧର୍ମଘଟକୁ ସମର୍ଥନ କରି ଭୋଗରାଇର ଥାନାଛକଠାରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଜଣାଇଛନ୍ତି। ୮୦ଟି ଅଟୋ ୨ଦିନ ଧରି ବନ୍ଦ ରହିବା ସହିତ ଅଟୋଚାଳକମାନେ ପିକେଟିଂ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନରେ ସାମିଲ ହେବ ବୋଲି ବରିଷ୍ଠ ନେତା ଅଧୀର ଗିରି ଗୋସ୍ୱାମୀ, ଚିତ୍ତରଞ୍ଜନ ଦାସ ଓ କୃଷ୍ଣମୋହନ ମୁର୍ମୁ ପ୍ରମୁଖ ଜଣାଇଛନ୍ତି।

## ମାଛ, ଛତୁ ଚାଷ ସଚେତନତା ଶିବିର

**ବାହାନଗା, ୭।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ର ପରିସରରେ ସୋମବାର ଛତୁ ଓ ମାଛ ଚାଷ ସମ୍ପର୍କୀତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ମହିଳା ଓ ପୁରଷ ଚାଷୀମାନେ ଯୋଗଦେଇ ଦୁଇପ୍ରକାର ଚାଷ ଉପରେ ସଚେତନ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପୁନେର ଜଳ ଜୀବିକା ସଂସ୍ଥାର ଫାଉଣ୍ଡର ତଥା ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ଯୋଗଦେଇ ମାଛ ଚାଷ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରର ମୁଖ୍ୟ ଉପଦେଷ୍ଟା କାର୍ତ୍ତିକ ଚନ୍ଦ୍ର ମିଶ୍ର, ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରର ମୁଖ୍ୟ ଧ୍ରୁବଚରଣ ସାହୁ ପ୍ରମୁଖ ଯୋଗଦେଇ ଛତୁ ଛାଷ ଓ ମାଛ ଚାଷ ଉପରେ ଚାଷୀମାନଙ୍କୁ ବୁଝାଇଥିଲେ।


ଶିବିରରେ ପ୍ରଶିକ୍ଷଣ ଦିଆଯାଉଛି।

# ବିବିଧତା ମଧ୍ୟରେ ଏକତା ସୃଷ୍ଟି କରେ ମହୋତ୍ସବ

**ଜଳେଶ୍ୱର, ୭।୧(ଡି.ଏନ.ଏ.)**

ଜଳେଶ୍ୱର ବ୍ଲକ ପଶ୍ଚିମବାର୍ଢ଼ ପଞ୍ଚାୟତ ପଶ୍ଚିମବାର୍ଢ଼ ଗ୍ରାମର ଭକ୍ତିକ୍ଷେତ୍ରରେ ଲଗାତାର ଦ୍ୱିତୀୟ ଥର ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଲୀଳାମୟ ୩୨ ବେଶ ଓ ୯ମ ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସ୍ଥାୟୀ ସଭାପତି ତଥା ସାମାଜିକ କର୍ମୀ ରମେଶଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ଓକିଲ ସଂଘର ପୂର୍ବତନ ସଭାପତି ସତ୍ୟସୁନ୍ଦର ଦାସ, ମୁଖ୍ୟବକ୍ତା ଭାବେ ଆଇନଜୀବୀ କୁଞ୍ଜବିହାରୀ ଦାସ, ସମ୍ମାନିତ ଅତିଥି ଭାବେ ମହୋତ୍ସବର ଉଦ୍ୟୋକ୍ତା ତଥା କମିଟିର କାର୍ଯ୍ୟକାରୀ ସଭାପତି ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ବରିଷ୍ଠ ଖବରଦାତା ଜୀବନକୃଷ୍ଣ ଦାସ ଅଧିକାରୀ, ସତ୍ୟବ୍ରତ ପ୍ରଧାନ, ଶ୍ରୀକୃଷ୍ଣ ଗୁପ୍ତା, ପୂର୍ବତନ ସରପଞ୍ଚ ମଧୁସୂଦନ ଦତ୍ତ, ସାମାଜିକ କର୍ମୀ ରବୀନ୍ଦ୍ର ପାଳ, ଶିକ୍ଷକ ନେତା ସୁକୁମାର ମିଶ୍ର ପ୍ରମୁଖ ଯୋଗଦେଇ ଗ୍ରାମୀଣ ଅଞ୍ଚଳରେ ମହୋତ୍ସବ ଅନୁଷ୍ଠିତ ହେବା ଫଳରେ ବିବିଧତା ମଧ୍ୟରେ ଏକତା ସୃଷ୍ଟି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଶେଷକରି ସାମ୍ପ୍ରତିକ ପରିସ୍ଥିତିରେ ଅବକ୍ଷୟମୁଖୀ ଧର୍ମୀୟ ଚେତନା ଓ ସଂସ୍କୃତିକୁ ଜୀବିତ ରଖିପାରିଛି ମହୋତ୍ସବ। ଏହି ଅବସରରେ ପୂର୍ବତନ ପ୍ରଧାନଶିକ୍ଷକ ବଂଶୀଧର ଗିରି ଓ ପଶ୍ଚିମବାର୍ଢ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୀନବନ୍ଧୁ ରାୟଙ୍କ ସହଧର୍ମିଣୀ ଭୃଗୁଲତା ରାୟଙ୍କୁ ଆଦର୍ଶ ଗୃହିଣୀ ଭାବେ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯଦୁମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପଣ୍ଡିତ ସୁକୁମାର ମିଶ୍ର ସଭା ପ୍ରାରମ୍ଭରେ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ସଭା ପରେ ଚଳଚ୍ଚିତ୍ର ଅଭିନେତା ଦୀପକ କୁମାର ଓ ଅଭିନେତ୍ରୀ ତମନ୍ନା ନିଜ ଦ୍ୱାରା ଅଭିନୀତ ଫିଲ୍ମର ସଂଳାପ ଓ ସଙ୍ଗୀତ ପରିବେଷଣ କରି ଉପସ୍ଥିତ ହଜାର ହଜାର ଅଞ୍ଚଳବାସୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହାସହିତ ମେଲୋଡି ତଥା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ମହୋତ୍ସବ ଅବସରରେ ଜଣେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ଯୁବତୀଙ୍କ ମୃତଦେହ ଉଦ୍ଧାର

**ରାଇସୁଆଁ, ୭।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତ ଟାଙ୍ଗରତଳି ଗ୍ରାମ ନିକଟ ରେଳ ଲାଇନରୁ ସୋମବାର ଜଣେ ଅଜଣା ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ତାଙ୍କୁ କେହି ମାରି ରେଳ ଲାଇନରେ ପକାଇ ଦେଇଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ମୃତ ଯୁବତୀଙ୍କ ଶରୀର ୨ ଖଣ୍ଡ ହୋଇ ଯାଇଛି। ସଦର ପୋଲିସ ଶବ ଜବତ କରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବିଳମ୍ବିତ ରାତିରେ ସେହି ସ୍ଥାନରେ କେତେକ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହେବାର ଶୁଣାଯାଉଥିଲା। ଉକ୍ତ ସ୍ଥାନରେ ୪ ବର୍ଷ ତଳେ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା।

### ଭାତ ହାଣ୍ଡିରେ ପଡ଼ି ଶିଶୁ ଗୁରୁତର

**ଆନନ୍ଦପୁର, ୭।୧(ସ୍ୱ.ପ୍ର.):** ଘସିପୁରା ଥାନା କେଶଦୁରାପାଳ ମୁଖି ସାହିରେ ସୋମବାର ଜଣେ ଦେଢ ବର୍ଷର ଶିଶୁ ଭାତ ହାଣ୍ଡିରେ ପଡି ଗୁରୁତର ଆହତ ହୋଇଛନ୍ତି। ଶିଶୁଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗ୍ରାମର ଚିନ୍ତାମଣି ମୁଖିଙ୍କୁ ଦେଢ ବର୍ଷର ଶିଶୁ ଘର ଅଗଣାରେ ଖେଳୁଥିବା ବେଳେ ଚୁଲିରେ ବସିଥିବା ଭାତ ହାଣ୍ଡିରେ ପଡି ଯାଇଥିଲେ। ଶିଶୁର ଚିତ୍କାର ଶୁଣି ପରିବାର ଲୋକେ ଉଦ୍ଧାର କରିଥିଲେ।

### ୩ ବଖରା ଜଳିଗଲା

**ଆନନ୍ଦପୁର, ୭।୧(ସ୍ୱ.ପ୍ର.):** ଆନନ୍ଦପୁର ବ୍ଲକ କୋଡ଼ପଡ଼ା ପଞ୍ଚାୟତ ଗୋଲାବନ୍ଧ ଗ୍ରାମରେ ଅଗ୍ନିକାଣ୍ଡ ଘଟି ମଥୁରା ନାଇକଙ୍କ ତିନି ବଖରା ପୋଡିଯାଇଛି। ଆନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡରେ ଘରେ ଅମଳ ହୋଇଥିବା ଧାନ ଚାଉଳ ନଷ୍ଟ ହୋଇଛି। ନିଆଁ ଲିଭାଇବା ବେଳେ ମଥୁରା ଆହତ ହୋଇଥିଲେ। ତାଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

**କେନ୍ଦୁଝର, ୭।୧(ସ୍ୱ.ପ୍ର.):** ତେଲକୋଇ ବ୍ଲକ ତେଲକୋଇ ଗ୍ରାମରେ ପ୍ରତିଷ୍ଠିତ ନୂତନ ଅଙ୍ଗନବାଡି କେନ୍ଦ୍ରରେ ନିଯୁକ୍ତି ମିଳୁ ନ ଥିବାରୁ ଜଣେ ଉଚ୍ଚ ଶିକ୍ଷିତା ଭିନ୍ନକ୍ଷମ ଯୁବତୀ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ହେଲେ ଆରତୀ ନାଏକ। ଉଚ୍ଚ ଶିକ୍ଷିତା ହୋଇଥିଲେ ହେଁ ଆରତୀଙ୍କୁ ନିଯୁକ୍ତି ମିଳୁନି। ତାଙ୍କୁ ଅଣଦେଖା କରି ଅନ୍ୟ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ସେ ଜିଲାପାଳଙ୍କୁ ଗୁହାରି କରିଛନ୍ତି। ତାଙ୍କଠାରୁ କମ ଶିକ୍ଷିତା ଯୁବତୀଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବିଚାର କରି ତାଙ୍କୁ ନିଯୁକ୍ତି ଦେଲେ ସେ ସ୍ୱାବଲମ୍ବ ହୋଇ ଭବିଷ୍ୟତ ଗଢିବାରେ ସହାୟକ ହୋଇପାରିବେ ବୋଲି ମତବ୍ୟକ୍ତ କରିଛନ୍ତି।

### 'ରାସ୍ତା ମରାମତି କର'

**କେନ୍ଦୁଝର, ୭।୧(ସ୍ୱ.ପ୍ର.):** ଦୀର୍ଘ ବର୍ଷ ହେଲା ରାସ୍ତା ବପର୍ଯ୍ୟସ୍ତ ହୋଇପଡ଼ିଛି। ମରାମତି କରାଯାଉନି। ସ୍ଥାନୀୟ ମୁକୁନ୍ଦପୁର ଓ ଗୋବିନ୍ଦପୁର ଗ୍ରାମର ମହିଳାପୁରୁଷ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଲିଖିତ ଦାବିପତ୍ର ଦେଇଛନ୍ତି। ପଦକ୍ଷେପ ନେବାକୁ ଦାବି କରିଛନ୍ତି। କେନ୍ଦୁଝର ତହସିଲଦାର ଗ୍ରାମକ ରାସ୍ତା ଦେଖି ଅନୁଧ୍ୟାନ କରିଥିଲେ। ରାସ୍ତା କାମ ନ ହେବାରୁ ସେମାନେ ଜିଲାପାଳଙ୍କୁ ଦାବି ଜଣାଇଛନ୍ତି। ରାସ୍ତାରେ ଶତାଧିକ ଲୋକ ଯାତାୟାତ କରୁଛନ୍ତି। ଶୋଚନୀୟ ରାସ୍ତା ଯୋଗୁଁ ଦୁର୍ଘଟଣା ଘଟୁଛି। ପୌରାଞ୍ଚଳରେ ଥିବା ରାସ୍ତାକୁ ମରାମତି କରାଯାଉ ନ ଥିବାରୁ ଘୋର ଅସନ୍ତୋଷ ପ୍ରକାଶ ପାଇଛି।

### ସମ୍ବର୍ଦ୍ଧିତ ହେଲେ ନୃତ୍ୟଶିଳ୍ପୀ

**ଆନନ୍ଦପୁର,୭।୧(ସ୍ୱ.ପ୍ର.):** ଆନନ୍ଦପୁର ଶାଳପଡ଼ାର ବିଣାପାଣି କଳାନିକେତନର ନୃତ୍ୟଗୁରୁ ଜୀତୁ ଦାଶଙ୍କ ନିର୍ଦ୍ଦେଶନାରେ 'ଏଇ ମୋର ଗାଁ' ନୃତ୍ୟାଭିନୟ କରି କାଦମ୍ବିନୀ ମିଡ଼ିଆ କିଟ୍ ମଞ୍ଚ କୁନାକୁନି ମେଳାରେ ନୃତ୍ୟ ଉପସ୍ଥାପନା କରି ସମ୍ବର୍ଦ୍ଧିତ ହୋଇଛନ୍ତି। ନୃତ୍ୟଶିଳ୍ପୀ ଦେବାଙ୍ଗୀ ସେନାପତି, ଶ୍ରଦ୍ଧାଞ୍ଜଳି ପଣ୍ଡା, ଇତିଶ୍ରୀ ଓଝା, ଶୋଭନା ଶୁଭଦର୍ଶିନୀ, ପଦ୍ମଜା ମିଶ୍ର, ହର୍ଷିତା ଖଟୁଆ, ଲୀନୁରାଣୀ ମହାନ୍ତି ପ୍ରମୁଖ ଗାଁର ଦୃଶ୍ୟକୁ ଚିତ୍ତାକର୍ଷକ ଭାବେ ଉପସ୍ଥାପନା କରିଥିଲେ। ନୃତ୍ୟଗୁରୁ ଓ ନୃତ୍ୟଶିଳ୍ପୀଙ୍କୁ କାଦମ୍ବିନୀର ପ୍ରତିଷ୍ଠାତା ଇତି ସାମନ୍ତ, ଓଡ଼ିଶୀ ନୃତ୍ୟଗୁରୁ ମୀରା ଦାସ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ସବ୍ ଲ୍ୟୁଟନାଣ୍ଟ ହେଲେ ନୀତିନ୍ ଅଭିଲାଷ

**ଆନନ୍ଦପୁର, ୭।୧(ସ୍ୱ.ପ୍ର.)**

ସାକାର ହେଲା ସ୍ୱପ୍ନ



ଆନନ୍ଦପୁର ପୌରପରିଷଦ ପଦ୍ମପୁର ଗ୍ରାମର ନିରାକାର ସାହୁ ଏବଂ ରେଣୁପ୍ରଭା ସାହୁଙ୍କର ପୁଅ ତଥା ସ୍ୱର୍ଗତ ଯୁଧିଷ୍ଠୀର ସାହୁଙ୍କର ନାତି ନୀତିନ୍ ଅଭିଲାଷ ସାହୁଙ୍କ ସ୍ୱପ୍ନ ସାକାର ହୋଇଛି। ୨୦୧୮ ନଭେମ୍ବର ମାସରେ ଜବାହରଲାଲ୍ ନେହେରୁ ୟୁନିର୍ଭସିଟି (ଜେ.ଏନ୍.ୟୁ.)ରୁ ବି.ଟେକ୍ ଶେଷ କରି ଭାରତୀୟ ନୌସେନାରେ କମିସନ୍ ଅଫିସର (ସବ୍ ଲ୍ୟୁଟନାଣ୍ଟ) ରୂପେ ନିଯୁକ୍ତି ପାଇଛନ୍ତି। ସେ ବିଶାଖାପାଟଣମ୍ କେନ୍ଦ୍ରୀୟ ବିଦ୍ୟାଳୟରେ ଯୁକ୍ତ ୨ରେ ସାରି ୯୬ ପ୍ରତିଶତ ନମ୍ବର ରଖି ଉତୀର୍ଣ୍ଣ ହୋଇଥିଲେ। ୟୁପିଏସସି ପରୀକ୍ଷା ଦେଇ ଇଣ୍ଡିଆନ୍ ନେଭାଲ୍ ଏକାଡେମୀରେ ଯୋଗ ଦେଇଥିଲେ। ବାଲ୍ୟ କାଳରୁ ତାଙ୍କର ନୌସେନାରେ ଯୋଗ ଦେବାକୁ ବହୁ ଇଚ୍ଛା ରହିଥିଲା।

ଦେଶ ଲାଗି ଆନ୍ତରିକତା ତଥା ନିଷ୍ଠାପର ସେବା କରିବାରେ ଅଭିଲାଷ ତାଙ୍କର ଆଶା ପୂରଣ କରିବାକୁ ଯାଉଛନ୍ତି। ସେ ବହୁତ ଆନନ୍ଦିତ ଅଛନ୍ତି। ଅନ୍ୟୁନ ୩୨୦ ଜଣ ଭାରତୀୟ ନୌସେନା ତଥା ତଟରକ୍ଷୀ ସେମାନଙ୍କର ୪ ବର୍ଷର କଠିନ ପ୍ରଶିକ୍ଷଣ ଶେଷ କରିଥିଲେ। କମିଶନ୍ ଅଫିସର୍ ଭାବେ ଇଣ୍ଡିଆନ୍ ନେଭାଲ୍ ଏକାଡେମୀ ଇଝିମାଦା କେରଳରୁ ପାସ୍ କରିଥିଲେ। ତାଙ୍କର ପିତା ଅବସରପ୍ରାପ୍ତ ସବ୍ ଲ୍ୟୁଟନାଣ୍ଟ ନିରାକାର ସାହୁ ମଧ୍ୟ ୨୫ ବର୍ଷ ଧରି ଭାରତୀୟ ନୌସେନାରେ ସେବା କରିଥିଲେ। ତାଙ୍କର କୃତିତ୍ୱରେ ଅଜା ମଙ୍ଗୁଳିଚରଣ ପୃଷ୍ଟି, ଶ୍ରୀଧର ପୃଷ୍ଟି, ମାମୁଁ ସମରଜିତ୍ ପୃଷ୍ଟି, ସଞ୍ଜୀବ, ତନ୍ମୟ ବହୁଳ ଭାବେ ଉତ୍ସାହିତ ହୋଇ ଅଭିନନ୍ଦ ଜ୍ଞାପନ କରିଛନ୍ତି।

## 'କାଳିଆ' ପାଇଁ ଭଙ୍ଗାରୁଜା

**କେନ୍ଦୁଝର/ ହାଟଡିହୀ/ ପାଟଣା, ୭।୧(ସ୍ୱ.ପ୍ର./ ଡି.ଏନ.ଏ.)**

- ମିଳୁନି ଆବେଦନ ଫର୍ମ
- ଢେଙ୍କା ପଞ୍ଚାୟତରେ ତୁମୁଳକାଣ୍ଡ

'କାଳିଆ' ଯୋଜନାର ଆବଶ୍ୟକ ଆବେଦନ ଫର୍ମ ମିଳୁ ନ ଥିବାରୁ କେନ୍ଦୁଝର ଜିଲାରେ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ହାଟଡିହୀ ବ୍ଲକ ଢେଙ୍କା ପଞ୍ଚାୟତରେ ସୋମବାର ଆବେଦନ ଫର୍ମକୁ ନେଇ ତୁମୁଳ କାଣ୍ଡ ଘଟିଛି। ଆବେଦନ ଫର୍ମକୁ ନେଇ ହିତାଧିକାରୀଙ୍କ ସହ ଅଧିକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଲୋକେ ଉପସ୍ଥିତ ଅଧିକାରୀଙ୍କୁ ଟେକା ପଥର ମାଡ କରିବା ସହ ଚେୟାର୍ ଟେବୁଲ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଅଧିକାରୀମାନେ ଏକ ଘର ଭିତରେ କବାଟ କିଳି ଲୁଚିଥିଲେ। ବାହାରପଟୁ ଉତ୍ୟକ୍ତ ଲୋକ ଚାବି ପକାଇଦେଇଥିଲେ।



ଚେୟାର୍ ଟେବୁଲ ଭଙ୍ଗାରୁଜା ହୋଇଛି।

ପଞ୍ଚାୟତ ନିକଟସ୍ଥ ବଜାର ଲୋକାରଣ୍ୟ ହୋଇପଡିଥିଲା। ଉତ୍ତେଜନା ପ୍ରକାଶ ପାଇଥିଲା। ସୋସୋ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଆବେଦନ ଫର୍ମ ଅଣାଯାଇ ହିତାଧିକାରୀଙ୍କୁ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଉତ୍ତେଜନା ଥମିଥିଲା। ସେହିପରି ନେଲୁଙ୍ଗ ପଞ୍ଚାୟତରେ ସୋମବାର କେତେକ ଚାଷୀ ଫର୍ମ ନ ପାଇ ନିରାଶ ହୋଇଛନ୍ତି। ଶହେ ଚାଷୀ ଫର୍ମ ନ ପାଇ ଫେରି ଯାଇଛନ୍ତି। ଦୂରଦୂରାନ୍ତରୁ ଆସିଥିବା ଚାଷୀ ଚିନ୍ତାରେ ପଡିଯାଇଛନ୍ତି। ଫର୍ମ ଆସିବ ଓ ସମସ୍ତଙ୍କୁ ଯୋଗାଇଦିଆଯିବ ବୋଲି ସହକାରୀ କୃଷି ଅଧିକାରୀ ଯୁଗଳ କିଶୋର ପାତ୍ର କହିଛନ୍ତି।

ତରବରିଆ ଭାବେ ଏହି ଯୋଜନାକୁ ଲାଗୁ କରାଯାଇଥିବାରୁ ଏଭଳି ସମସ୍ୟା ଦେଖାଦେଉଛି। ଗରୀବ ଚାଷୀ ପଞ୍ଚାୟତ କାର୍ଯ୍ୟାଳୟକୁ ବାରମ୍ବାର ଧାଇଁ ନରାଶ ହେଉଛନ୍ତି। ୱାର୍ଡ ମେମ୍ବରଙ୍କ ଜରିଆରେ ଏହି ଫର୍ମ ବଣ୍ଟନ କରା ନ ଗଲେ ବହୁ ଗରୀବ ଓ ସାଧାରଣ ଚାଷୀ ବଞ୍ଚିତ ହେବା ଆଶଙ୍କା ରହୁଛି ବୋଲି ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି। କାମଧନ୍ଦା ଛାଡି ଆସି ଫର୍ମ ନେବୁ ଆଉ କେବେ ଫର୍ମ ଦାଖଲ କରିବୁ ବୁଝିପାରୁନାହୁଁ ବୋଲି ନେଲୁଙ୍ଗ ନିବାସୀ ଦେବେନ୍ଦ୍ର ରଣା କହିଛନ୍ତି। ପାଟଣା ବ୍ଲକ ବୁଢ଼ୀକାପୁଡି ପଞ୍ଚାୟତରେ ମଧ୍ୟ କାଳିଆ ଯୋଜନାର ଆବେଦନ ଫର୍ମ ମିଳୁନି। ଧାନ ଅମଳ ସମୟରେ ଚାଷୀ କାମ ଦାମ ଛାଡି ଆବେଦନ ଫର୍ମ ପୂରଣ କରିବାକୁ ଆସୁଛନ୍ତି। ଏ ନେଇ ପାଟଣା ବିଡ଼ିଓ କୁଶଳ ଚନ୍ଦ୍ର ନାଏକଙ୍କୁ ପଚାରିବାରୁ ୧୬ ହଜାର ଫର୍ମ ଯୋଗାଇ ଦିଆଯାଇଥିଲା। ସେସବୁ ବିତରଣ କରାଯାଇଛି। ଫର୍ମ ଆଜି ସର୍ଟ ଥିବାରୁ ଏଭଳି ହୋଇଛି। ଆଉ ୨୦ହଜାର ଫର୍ମ ମଗାଯାଇଛି ବୋଲି ସେ କହିଛନ୍ତି।

## ଗଡ଼ିଲା ୧୩ ଭୋଟର ସଚେତନତା ଗାଡ଼ି



ଭୋଟର ସଚେତନତା ଗାଡିକୁ ଉଦ୍‌ଘାଟନ କରାଯାଉଛି।

**ଚମ୍ପୁଆ, ୭।୧(ଡି.ଏନ.ଏ.)**

ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଭୋଟ ହାର ବଢାଇବା ଓ ଭୋଟରଙ୍କୁ ସଚେତନ କରିବା ଲାଗି ସଚେତନତା ଗାଡିର ଉଦ୍‌ଘାଟନ କରାଯାଇଛି। ଉଭୟ ପାଟଣା ଓ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ସଚେତନା ପାଇଁ ୧୩ ସଚେତନା ଗାଡିକୁ ଉପଜିଲାପାଳ ପାରୁଲ ପଟାୱରୀ, ସହକାରୀ ଜିଲାପାଳ ସପନ କୁମାର ସାହୁ, ଆଇଆଇସି ସୁମିତ କୁମାର ସୋରେନ ପ୍ରମୁଖ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଚମ୍ପୁଆ, ଯୋଡ଼ା, ଝୁମ୍ପୁରା, ସାହାରପଡ଼ା, ପାଟଣାରେ ଭୋଟରଙ୍କୁ ସଚେତନତା କରିବ ବୋଲି ଜଣାଯାଇଛି। ପ୍ରତ୍ୟେକ ଗାଡିରେ ୨ ଜଣ ପ୍ରଦର୍ଶକ, ୨ ସହାୟକ ଓ ଜଣେ ପୋଲିସ କର୍ମଚାରୀ ରହିଛନ୍ତି।

## ତାଲିମ୍ ନେଲେ ଶିକ୍ଷୟିତ୍ରୀ ଶିକ୍ଷକ

**ଚମ୍ପୁଆ, ୭।୧(ଡି.ଏନ.ଏ.)**

ଚମ୍ପୁଆ ବିଆରସିସି ସଭାଗୃହରେ ବାଲଜ୍ୟୋତି କାର୍ଯ୍ୟକ୍ରମ ଦ୍ୱାରା ୨ ଦିନିଆ ଦୃଷ୍ଟି ବାଧକ ଛାତ୍ରୀଛାତ୍ର ଚିହ୍ନଟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ନାଏକ ଉଦ୍‌ଘାଟନ କରିଥିଲେ। ବିଆରଟି ସୋରଜ କୁମାର ଦାସ ପରିଚାଳନା କରିଥିଲେ। ଅଜୟ ନାଏକ, ଅଶୋକ ମାହାନ୍ତ, ସୁଧଶୁଂ ଶେଖର ନାଏକ ଓ ଦେବଦର୍ଶନୀ ସାହୁ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ପ୍ରଥମ ଦିନରେ ବ୍ଲକର ପ୍ରାଇମେରି ଓ ଏମଇର ୧୯୦ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକ ସେନେଲ ଚାଟ ମାଧ୍ୟମରେ ନିଜ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କରି ଚିହ୍ନଟ କରାଯିବ। ସିଆରସିସି ମାଧ୍ୟମରେ ବିଆରଟି, ବିଇଓଙ୍କୁ ତାଲିକା ପ୍ରଦାନ କରାଯିବ ବୋଲି ଜଣାଯାଇଛି। ବିଇଓ ତାଲିକାକୁ ଡିପିସ କାର୍ଯ୍ୟାଳୟକୁ ପଠାଇବେ ବୋଲି ଜଣାଯାଇଛି।

■ ଚତୁର୍ଥ ଦିବସରେ ଆନନ୍ଦପୁର ମହୋତ୍ସବ

## ନୃତ୍ୟଗୀତରେ ଦର୍ଶକ ବିଭୋର

**ଆନନ୍ଦପୁର/ ଘସିପୁରା, ୭।୧(ସ୍ୱ.ପ୍ର.)**

ଆନନ୍ଦପୁର ମହୋତ୍ସବ-୨୦୧୯ ସୋମବାର ଚତୁର୍ଥ ଦିବସରେ ପହଞ୍ଚିଛି। ସ୍ଥାନୀୟ କଳାକରା ଅନନ୍ତ ପଣ୍ଡାଙ୍କ ଦ୍ୱାରା ପାଲା, ନଟବର ସାହୁଙ୍କ ଦାସକାଠିଆ, ଘସିପୁରା ଗଁପୁରର ଘୁମୁରା, ବେଲବାହାଲି ସାଇକଳା ସଙ୍ଗୀତ ଏକାଡେମୀ, ଜୟ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ଘସିପୁରା ଦ୍ୱାରା ନୃତ୍ୟକଳା ପରିବେଷିତ ହୋଇଥିଲା। ଅପରାହ୍ନରେ ପ୍ରସିଦ୍ଧ ଗୋଟିପୁଅ ନାଚ ଦର୍ଶକଙ୍କୁ ବିଭୋର କରିଥିଲା। ଶୀତ ସତ୍ତ୍ୱେ ଦର୍ଶକଙ୍କର ଅହେତୁକ ଭିଡ ପରିଲକ୍ଷିତ ହୋଇଥିଲା। କୃଷି ଭିତିକ ଷ୍ଟଲ୍, ଚାଟ୍, ଫାଷ୍ଟଫୁଡ୍, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଷ୍ଟଲ୍, ବୁକ୍ ଷ୍ଟଲ୍, ଦୋଳୀ, ମୀନା ବଜାର, ଆନନ୍ଦପୁର ତାଲୁକ ଆଇନ ସେବା ସମିତି, ସତ୍ୟସାଇ ସେବା ସମିତି, ପ୍ରଜାପିତା ବ୍ରହ୍ମାକୁମାରୀ ପ୍ରଭୃତି ବିଭିନ୍ନ କିସମର ଷ୍ଟଲ୍ ବେଶ ଆକର୍ଷଣୀୟ ହୋଇପାରିଛି।

ଆନନ୍ଦପୁର ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ଉପଜିଲାପାଳ ରବୀନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ମହୋତ୍ସବ ପରିଚାଳିତ ହେଉଛି। ସନ୍ଧ୍ୟା ୭ଟାରୁ ୧୦ ଟା ପର୍ଯ୍ୟନ୍ତ ତାରୀକ୍ ଅଜିଜ୍ ଓ ସାଥିଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ପରିବେଷିତ ହୋଇଛି। ପ୍ରଦୀପ ମହାନ୍ତି, ଡ. ଦିଲ୍ଲୀପ ଦାଶ, ସଞ୍ଜୟ ମିଶ୍ର, ମୁନା ସିଂହ, ପ୍ରଦୀପ ହଜାରୀ, ସରୋଜ ପରିଡା, ଜିତୁ ଦାଶ, ଗୋପାଳ ରାଉତ, ସନ୍ତୋଷ ରାଉତ, ଜ୍ୟୋତି ରଞ୍ଜନ ଜେନା, ଦିଲ୍ଲୀପ ମିଶ୍ର ପ୍ରମୁଖ ସମେତ କମିଟି ସଦସ୍ୟ ପରିଚାଳନାରେ ସହାୟତା କରୁଛନ୍ତି। ଆନନ୍ଦପୁର ଏସଡିପିଓ ଦିଲ୍ଲିପ୍ କୁମାର ବାଗ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଇନଶୃଙ୍ଖଳା ପରିସ୍ଥିତିକୁ ଆନନ୍ଦପୁର ଥାନା ଅଧିକାରୀ ସୁଦର୍ଶନ ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଭଙ୍ଗା ଚାଳିଆ ଆମ ଘର



ପାନ ପେଣ୍ଟେଇ ରହୁଥିବା ଭଙ୍ଗା ଘର।

- ଦୁର୍ଦ୍ଦିନରେ ବିତୁଛି ଜୀବନ
- କାମ କରିବାରେ ଅସମର୍ଥ ପାନ

**ରାଇସୁଆଁ, ୭।୧(ଡି.ଏନ.ଏ.)**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିରାଶ୍ରୟଙ୍କ ଥଇଥାନ ପାଇଁ ବହୁ ଯୋଜନା କାର୍ଯ୍ୟକାରି ହୋଇଛି। ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କା ଘର ଯୋଜନାରେ ଗରିବ ଲୋକଙ୍କୁ ଘର ମିଳୁଛି। କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଜଣେ ଗରିବ ବିଧବା ମହିଳା ଭଙ୍ଗା ଚଳିଆରେ ଜୀବନ ବିତାଉଛନ୍ତି। ପଞ୍ଚାୟତସ୍ତରୀୟ ନେତା ଏବଂ ଜିଲା ପ୍ରଶାସନ କର୍ତ୍ତୃପକ୍ଷ ତାଙ୍କୁ ଏକ ପକ୍କା ଘର ଯୋଗାଇ ଦେଇପାରୁ ନାହାନ୍ତି। ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତ ତୋଟାସାହି ଗ୍ରାମର ପାନ ପେଣ୍ଟେଇଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ପାନ ଜଣେ ଅସହାୟ ବିଧବା ମହିଳା। ତାଙ୍କ ସ୍ୱାମୀ ଶ୍ରୀକାନ୍ତଙ୍କ ୫ ବର୍ଷ ତଳେ ଆରପାରିକୁ ଚାଲି ଯାଇଛନ୍ତି। ପାନ କାମଧନ୍ଧା କରି ଚଳୁଥିଲେ। ବାର୍ଦ୍ଧକ୍ୟ ଏବଂ ଶାରୀରିକ ଅସୁସ୍ଥତା ପାଇଁ ସେ କାମଧନ୍ଧା କରିପାରୁ ନାହାନ୍ତି।

ପର ଘରେ ମୂଲ ଲାଗିଲେ ପେଟକୁ ଦାନପାଣି ଯାଉଛି। ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ସରକାରଙ୍କ ତରଫରୁ ତାଙ୍କୁ କେବଳ ଚାଉଳ ୫ କେ.ଜି. ଏବଂ ବାର୍ଦ୍ଧକ୍ୟ ଭତ୍ତା ମିଳୁଛି। ସ୍ୱଳ୍ପ ରୋଜଗାରରେ ପେଟ ପୋଷିବା କଷ୍ଟକର ହୋଇ ପଡୁଥିବା ବେଳେ ଘର ଖଣ୍ଡେ ତିଆରି କରିବାକୁ ପାନ ଅକ୍ଷମତା ପ୍ରକାଶ କରିଛନ୍ତି। ବର୍ଷା ଦିନେ ଘରେ ଆଣ୍ଠୁଏ ପାଣି ଜମୁଛି। ବହୁ କଷ୍ଟରେ ରହିବାକୁ ପଡୁଛି ବୋଲି ପାନ କହିଛନ୍ତି। ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଧାଇଁ ନୟାନ୍ତ ହେଲେଣି। ଅଦ୍ୟାବଧି ମୁଣ୍ଡ ଗୁଞ୍ଜିବା ପାଇଁ ଘର ମିଳିଲାନି। ସ୍ଥାନୀୟ ସାମାଜିକ କର୍ମୀ ଗଦାଧର ସାହୁ କହିଛନ୍ତି, ପାନ ଜଣେ ବିଧବା ଅସହାୟ ମହିଳା। ତାଙ୍କୁ ସରକାରୀ ଘର ଯୋଗାଇ ଦେବା ଜରୁରି ହୋଇପଡ଼ିଛି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ଘର ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## ବାର୍ଷିକ ପାରିବାରିକ ବନ୍ଧୁମିଳନ




ବନ୍ଧୁମିଳନ ସଭାରେ ପୁରାତନ ଛାତ୍ର।

**ଆନନ୍ଦପୁର/ ଘସିପୁରା, ୭।୧(ସ୍ୱ.ପ୍ର.)**

ଆନନ୍ଦପୁର ବି.ଏନ୍. ହାଇସ୍କୁଲ ୧୯୭୮ ବ୍ୟାଚ୍‌ର ବାର୍ଷିକ ପାରିବାରିକ ବନ୍ଧୁମିଳନ ପର୍ବ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ବନ୍ଧୁଙ୍କ ସହ ସେମାନଙ୍କ ପରିବାର ଯୋଗ ଦେଇଥିଲେ। ସ୍ୱଚ୍ଛ ଭାରତ ଅଭିଯାନ କ୍ରମରେ ବିଦ୍ୟାଳୟ ପରିସରକୁ ସଫା କରାଯାଇଥିଲା। ପ୍ରଦୀପ କୁମାର ହଜାରୀଙ୍କ ସଭାପତିତ୍ୱରେ ସଭାର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ମହେଶ୍ୱର ସାହୁ, ତପନ ସାହୁ, ଦିଲ୍ଲୀପ ଦାଶ, ଦାମୋଦର ଧଡ଼ା, ବିଜୟ ମିଶ୍ର, ତପନ ସିଂହ, ଉମାକାନ୍ତ ରାଉତ, ଦିନବନ୍ଧୁ ସି, ଶରତ ସାହୁ, ବଳରାମ ରାମ, ବାଙ୍କୁ ରାମ, ହରିହର ରାମ, ବ୍ରହ୍ମାନନ୍ଦ ସାହୁ, ରବୀନ୍ଦ୍ର ରାମ, ସୁବାସ ଚନ୍ଦ୍ର ଖୁଣ୍ଟିଆ, ମଦନ ମୋହନ ମିଶ୍ର, ପ୍ରଦୀପ ସାମନ୍ତ, ଅକ୍ଷୟ ପାଢୀ ପ୍ରମୁଖ ପୁରାତନ ଛାତ୍ରବନ୍ଧୁ ଯୋଗ ଦେଇଥିଲେ।

## କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତିକୁ ବିରୋଧ

■ ସର୍ବଭାରତସ୍ତରୀୟ ୨ ଦିନିଆ ଧର୍ମଘଟ

**କେନ୍ଦୁଝର, ୭।୧(ସ୍ୱ.ପ୍ର.)**

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଆର୍ଥିକ ନୀତିକୁ ବିରୋଧ କରାଯାଇଛି। ଏ ନେଇ କେନ୍ଦ୍ର ଶ୍ରମିକ ସଙ୍ଗଠନ ଆହ୍ୱାନ କ୍ରମେ ୮ ଓ ୯ରେ ସର୍ବଭାରତସ୍ତରୀୟ ଦୁଇ ଦିନିଆ ଧର୍ମଘଟକୁ ସଫଳ କରିବା ପାଇଁ ଏଆଇଟିୟୁସି ତରଫରୁ ମହେଶ୍ୱର ରାଉତ ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ସକାଳ ୬ଟାରୁ ୧୦ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ୪୮ ଘଣ୍ଟା ଧର୍ମଘଟ ହେବ ବୋଲି ଜଣାଯାଇଛି। ୧୨ ଦଫା ଦାବି ପୂରଣ ଲାଗି ଧର୍ମଘଟ ଆହ୍ୱାନ କରାଯାଇଛି। ଏଆଇଟିୟୁସି, ବିଜୁ ଶ୍ରମିକ ସଂଘ, ଏଚ୍‌ଏମଏସ, ସିଆଇଟିୟୁ, ଆଇଏନଟିୟୁସି, ବ୍ୟାଙ୍କ ଏବଂ ବୀମା କର୍ମଚାରୀ ସଂଘ ସମେତ ଅନ୍ୟାନ୍ୟ ଶ୍ରମିକ ସଙ୍ଗଠନ ଧର୍ମଘଟରେ ସାମିଲ ହେଉଛନ୍ତି। ଦୁଇ ଦିନ ଜରୁରୀକାଳୀନ ସେବା ତଥା ଆମ୍ବୁଲାନ୍ସ, ପାଣି, କ୍ଷୀର, ଖବରକାଗଜ, ଶିଶୁ ଓ ମହିଳା ଥିବା ଗାଡି, ପରୀକ୍ଷାର୍ଥୀ, ପୋଲିସ ଆଦି ଗାଡିକୁ ବାଦ ଦିଆଯାଇଛି। ସମସ୍ତ ବ୍ୟବସାୟିକ ସଂସ୍ଥା, ପରିବହନ ବନ୍ଦ କରାଯିବ ବୋଲି ଜଣାଯାଇଛି।

## ମନେପଡ଼ିଲା ସ୍କୁଲ ସମୟର ସ୍ମୃତି



ପୁରାତନ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

**ଘସିପୁରା, ୭।୧**

ଆନନ୍ଦପୁର ଉପଖଣ୍ଡର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ୧୯୭୫ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୯୭୫ ପୁରାତନ ଛାତ୍ର ସଂଘର ସଦସ୍ୟ ଦୁର୍ଗା ଚରଣ ଦଳେଇଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟରେ ପାଠ ପଢ଼ାଉଥିବା ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ଦାଶ, ବାଞ୍ଛାନିଧି ରଥ, ରଙ୍କନାଥ ସୁତାର, ସାରଙ୍ଗଧର ଷେଣ୍ଡେ, ବେଣୁଧର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ର ଉମାକାନ୍ତ ନାୟକ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ନାୟକ, ଅଶୋକ ସାହୁ, ଗଗନ ବିହାରୀ ଭଟ୍ଟାଚାର୍ଯ୍ୟ, ନବରଞ୍ଜନ ପଟ୍ଟନାୟକ, ଗଣେଶ ସିଂ, ଜଗବନ୍ଧୁ ରାମ, ଶ୍ରୀଧର ବେହେରା, ଦାମୋଦର ରାମ, ବିରଜା ନାୟକ, ଦିବ୍ୟେନ୍ଦୁ ସେନ୍, କୃଷ୍ଣ ସିଂ, ସନାତନ ପାଢ଼ୀ, ଡ. ବିଷ୍ଣୁ ନାରାୟଣ ପାତ୍ର, ଗୋକୁଳ ଚନ୍ଦ୍ର ବିଶୋଇ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ମଣ୍ଟୁ ମିଶ୍ର, କାଳିଆ ମହାନ୍ତି, ବସନ୍ତ ସାହୁ, ଈଶ୍ୱର ପାଢ଼ୀ, ଅମୀୟ ପଟ୍ଟନାୟକ, ଶରତ ସେଠୀ, ବିଜୟ ଚକ୍ରବର୍ତ୍ତି, ପ୍ରମୁଖଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଦୀର୍ଘ ୪୪ ବର୍ଷ ପରେ ପୁରାତନ ଛାତ୍ରଙ୍କ ଏହି ବନ୍ଧୁମିଳନରେ ସମସ୍ତେ ବିଭୋର ହୋଇପଡ଼ିଥିଲେ। ସମସ୍ତେ ସ୍କୁଲ ସମୟର ସ୍ମୃତିକୁ ମନେ ପକାଇଥିଲେ। ପାଠପଢ଼ା ସମୟର ଅନୁଭୂତି ବଖାଣିଥିଲେ। ଆଗାମୀ ଦିନରେ ପୁରାତନ ଛାତ୍ର ସଂଘ ପକ୍ଷରୁ ସମାଜ ସେବାରେ ନିଜଜକୁ ନିୟୋଜିତ କରିବା ସହ ଅସୁବିଧାରେ ଥିବା ପୁରାତନ ଛାତ୍ରଙ୍କୁ ସହଯୋଗର ହାତ ବଢ଼ାଇ ପାଇଁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ୭୫ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ଯୋଗ ଦେଇଥିଲେ।

## ଶେଷ ହେଲା ଯୋଡ଼ା ମହୋତ୍ସବ

**ଯୋଡ଼ା, ୭।୧(ଡି.ଏନ.ଏ.)**

- ସଙ୍ଗୀତରେ ଝୁମିଲେ ଦର୍ଶକ
- ମହିଳାଙ୍କ ମଧ୍ୟରେ ଉତ୍ସାହ



କୁନି କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

୩ ଦିନ ଧରି ଚାଲିଥିବା ଯୋଡ଼ା ମହୋତ୍ସବ ସୋମବାର ଶେଷ ଦିନରେ ସଙ୍ଗୀତର ତାଳେତାଳେ ଦର୍ଶକ ଝୁମିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ମହିଳା ଯୋଗ ଦେଇଥିଲେ। କୁନି ଶିଶୁଙ୍କ ଦ୍ୱାରା ବେବି ସୋ, ମହିଳାଙ୍କ ମଧ୍ୟରେ ଦୌଡିଚଣା, ୭ ବର୍ଷରୁ ୧୯ ବର୍ଷ ବୟସର ବାଳିକାଙ୍କ ମଧ୍ୟରେ ସୁନ୍ଦରୀ ପ୍ରତିଯୋଗିତା, ବଡିବିଲ୍ଡିଂ ମିଷ୍ଟର ଯୋଡା ପ୍ରତିଯୋଗିତା, ରୁଙ୍ଗଟା, ଟାଟାଷ୍ଟିଲ୍ ଓ ଯୋଡା ମହିଳା ମହାବିଦ୍ୟାଳୟ ପକ୍ଷରୁ ଫ୍ଲାୱାର ସୋ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଅନୁଷ୍ଠାନରୁ ଆସିଥିବା କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଶଣ କରାଯାଇଥିଲା। ମହିଳାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ମହିଳା ଛାତ୍ରୀଛାତ୍ର, ଯୁବତୀଙ୍କର ଭିଡ ଜମିଥିଲା।

ମହୋତ୍ସବ ମେଳାରେ ରୋହାନୀ ମିଶନ ପକ୍ଷରୁ କହ୍ଲୋଡ ମିଲ୍କ, ଆରୋଗ୍ୟମ ପକ୍ଷରୁ ଦକ୍ଷିଣ ଭାରତୀୟ ଖାଦ୍ୟ, ଚିତ୍ରଶିଳ୍ପୀ ସୁଜାତା ପଟ୍ଟନାୟକଙ୍କ ଦ୍ୱାରା ଆର୍ଟ ଗ୍ୟାଲେରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଷ୍ଟଲ, ରେଶମ ବସ୍ତ୍ରର ଷ୍ଟଲ, ଦର୍ଶକଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଡା ଖଣି ଉପନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ, ସମ୍ମାନିତ ଅତିଥି ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ ଓ ଯୋଡ଼ା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ସେବା କାର୍ଯ୍ୟରେ ଉଲେଖନୀୟ ଯୋଗଦାନ ପାଇଁ ସ୍ଥାନୀୟ ରୋଟାରୀ କ୍ଲବ ଓ ବିକାଶ ପରିଷଦକୁ ମହୋତ୍ସବରେ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ଶାଗରଙ୍କ ଦ୍ୱାରା ସଂଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ପରିବେଶଣ ହୋଇଥିଲା। ଯୋଡା ମହୋତ୍ସବକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ସଂକ୍ଷେପରେ

### ଶିକ୍ଷକଙ୍କ ବିଶୃଙ୍ଖଳାକୁ ସମନ୍ୱୟ ସଂଘର ନିନ୍ଦା

**କପ୍ତିପଦା,୭।୧(ଡ଼ି.ଏନ୍.ଏ):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, କପ୍ତିପଦା ବ୍ଲକ୍‌ର ଏକ ଜରୁରୀ ବୈଠକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କପ୍ତିପଦା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଦୀପ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କପ୍ତିପଦା ବଜାର ମଧ୍ୟରେ ଶିକ୍ଷୟିତ୍ରୀ ଓ ଦୁଇଜଣ ଶିକ୍ଷକଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ସମଗ୍ର ଶିକ୍ଷକ ସମାଜର ସ୍ୱାଭିମାନ ଉପରେ ଆଞ୍ଚ ଆଣିଛି ବୋଲି ମତ ପ୍ରକାଶ ପାଇଛି। ଏହିଭଳି ଘଟଣାକୁ ସଂଘରେ ଉପସ୍ଥିତ ଥିବା ସମସ୍ତ ସଭ୍ୟ ଦୃଢ଼ ନିନ୍ଦା କରିଛନ୍ତି । ଏଥିସହିତ ଉକ୍ତ ଘଟଣାରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀ ପ୍ରତି ଉପଯୁକ୍ତ ଦଣ୍ଡ ପ୍ରଦାନ କରିବାକୁ ସଂଘ ପ୍ରଶାସନ ନିକଟରେ ଦୃଢ଼ ଦାବି ଜଣାଇଛି । ଆଗାମୀ ଦିନରେ ବିଶୃଙ୍ଖଳିତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଏଭଳି ଆଚରଣକୁ ସଂଘ କୌଣସି ପ୍ରକାର ବରଦାସ୍ତ କରିବ ନାହିଁ ବୋଲି ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଯତୀନ୍ କୁମାର ପଟ୍ଟନାୟକ, ଅକ୍ଷୟ କୁମାର ବେହେରା, ଉପସଭାପତି ବିଷ୍ଣୁପ୍ରସାଦ ରଥ, ରମାକାନ୍ତ ମଲ୍ଲିକ୍, ଚିତ୍ତରଞ୍ଜନ ଭଞ୍ଜ, ପ୍ରଫୁଲ୍ଲ ବରାଳ, ଗୋପୀନାଥ ନାୟକ, ରମାକାନ୍ତ ବେହେରା, ଗୟାଧର ସାମଲ, ସୁନା ସିଂ, ପୁରୁଷୋତ୍ତମ ବେହେରା ଓ ବିଭିନ୍ନବର୍ଗର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

### ବିଜେଡି ବନ୍ଧୁମିଳନ କାର୍ଯ୍ୟକ୍ରମ

**ବେତନଟୀ,୭।୧ (ଡି.ଏନ.ଏ.):** ବଡ଼ସାହି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ଅନୁସୂଚିତ ଜାତି ଜିଲା ସଭାପତି ମନୋରଞ୍ଜନ ସେଠୀଙ୍କ ସଭାପତିତ୍ୱରେ ଏକ ବନ୍ଧୁମିଳନ ବେତନଟୀ ନିକଟ ଆଗ୍ରିଆଠାରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ନିର୍ବାଚନ ମଣ୍ଡଳୀ ଅଧୀନ ୪୪ ଗ୍ରାମପଞ୍ଚାୟତରୁ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଦଳ ବିଜେଡି ଅଞ୍ଚଳକୁ ଦଖଲକୁ ନେଇଥିଲା। ୨୦୧୯ ନିର୍ବାଚନରେ ଯେଭଳି ବିଜେଡି ପୁନର୍ବାର ପୂର୍ବ ଦଖଲ ଫେରିପାଇବ ସେହି ବିଷୟରେ ବିଜେଡିର ବରିଷ୍ଠ କର୍ମୀମାନେ ମତ ରଖିଥିଲେ। ଏହି ଅବସରରେ ସଙ୍ଗଠନ ସୁବିଧା ପାଇଁ ଏକ କାର୍ଯ୍ୟାଳୟ ମଧ୍ୟ ପୂର୍ବତନ ବିଧାୟକଙ୍କ ନେତୃତ୍ୱରେ ଉଦ୍‌ଘାଟନ କରାଯାଇଛି। ଏହି ବନ୍ଧୁମିଳନ ଉତ୍ସବରେ ବରିଷ୍ଠ ବିଜେଡି ନେତା ପୁରୁଷୋତ୍ତମ ପଣ୍ଡା, ଜ୍ୟୋତିକାନ୍ତ ସାମଲ ,ବଳରାମ ସାହୁ, ଅମୂଲ୍ୟ ପାଣି, ପ୍ରମୋଦ ପାଢ଼ୀ, ଭବାନୀ ମିଶ୍ର, ଭରତ ନାୟକ, ରାଜେନ ଦାସଙ୍କ ଭଳି ବହୁ ସରପଞ୍ଚ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

### ୧୩୬ ମାମଲାର ଶୁଣାଣି

**ବାରିପଦା ଅଫିସ,୭।୧:** ଜିଲା ପ୍ରଶାସନ ଦ୍ୱାର ପରିଚାଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନିତ ଭରଦ୍ୱାଜ ଓ ଏସପି ଅବିନାଶ କୁମାରଙ୍କ ମିଳିତ ଜନ ଶୁଣାଣିରେ ମୋଟ ୧୩୬ ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୧୨୬ ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୧୦ ଟି ସାମୂହିକ ଅଭିଯୋଗ ରହିଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜଣଙ୍କୁ ୩ ହଜାର ଟଙ୍କା ଓ ରେଡକ୍ରସରୁ ୨ ଜଣଙ୍କୁ ୩ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏଥିରେ ଉପଜିଲାପାଳଙ୍କ ସମେତ, ବିଡିଓ ଏବଂ ତହସିଲଦାର ଉପସ୍ଥିତ ଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



**ବାରିପଦା ଅଫିସ,୭।୧:** ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ୧୯୬୯-୭୩ ମସିହାରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କର ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଆଡଭୋକେଟ ନିମାଇ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବନ୍ଧୁ ମିଳନରେ ରାଧେଶ୍ୟାମ ଖଣ୍ଡେଲୱାଲ, କମଳ ଲୋଚନ ପାତ୍ର, ଧୀରବସା, ଦୀପକ ଭଞ୍ଜ, ପ୍ରୀତିଶ ବସା ପ୍ରମୁଖଙ୍କ ସହ ଶହେରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ଉକ୍ତ ସମୟରେ ମହାବିଦ୍ୟାଳୟରେ କଟିଥିବା ସମସ୍ତ ବିଶେଷ ମୁହୂର୍ତ୍ତ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଜିଲାରେ ବୁଲିଲା ଇଭିଏମ୍ ସଚେତନତା ଗାଡ଼ି

**ବାରିପଦା ଅଫିସ,୭।୧**

ବିଭିନ୍ନ ସମୟରେ ହେଉଥିବା ଇଭିଏମ ଟ୍ୟାମ୍ପରିଂ ଅଭିଯୋଗ ଦୂର କରିବାକୁ ନିର୍ବାଚନ କମିଶନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏଣିକି ଇଭିଏମ ମେଶିନ ଥିବା ଗାଡି ଗାଁ ଗାଁ ବୁଲି ଲୋକଙ୍କୁ ଏହାର ବ୍ୟବହାର ସମ୍ପର୍କରେ ସଚେତନ କରିବ । ଗ୍ରାମାଞ୍ଚଳର ବୁଥ ସ୍ତରକୁ ଯାଇ ଲୋକଙ୍କୁ ସଚେତନ କରିବା ନିମନ୍ତେ ଇଭିଏମ ମେଶିନ ଥିବା ଏକ ଗାଡିକୁ ସୋମବାର ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି ଜିଲାପାଳ ବିନିତ ଭରଦ୍ୱାଜ । ଏ ସମ୍ପର୍କରେ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାପାଳ ଭରଦ୍ୱାଜ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭ ଟି ଲେଖାଏଁ ସଚେତନତା ଗାଡି ସୋମବାରଠାରୁ ବୁଲିବା ଆରମ୍ଭ କରିଛି। ଜିଲାର ମୋଟ ୯ ଟି ବିଧାନସଭା ମଣ୍ଡଳୀ ପାଇଁ ୬୩ ଟି ଗାଡି ବୁଲିବାର ବ୍ୟବସ୍ଥା ରହିଛି। ପ୍ରତି ଗାଡିରେ ଦୁଇ ଜଣ ଲେଖାଏଁ କର୍ମଚାରୀ ଓ ଜଣେ ଲେଖାଏଁ ପୋଲିସ କର୍ମଚାରୀ ରହିବେ। ପ୍ରତି ଗାଡିରେ ଗୋଟିଏ ଲେଖାଏଁ ଇଭିଏମ ମେଶିନ ଏବଂ ଗୋଟିଏ ଲେଖାଏଁ ଭିଭିଏପିଟି ମେଶିନ ରହିବ। ଜିଲାର ୪୦୪ ପଞ୍ଚାୟତରେ ଥିବା ବୁଥ ସ୍ତରକୁ ଯାଇ ଲୋକଙ୍କୁ ମତଦାନ ପ୍ରକ୍ରିୟା ସମ୍ପର୍କରେ ସଚେତନ କରାଯିବ । ପୂର୍ବରୁ କର୍ମଚାରୀଙ୍କୁ ଏଥିପାଇଁ ତାଲିମ ପ୍ରଦାନ କରାଯାଇଛି।

**ମୟୂରଭଞ୍ଜ ଜିଲା**





ଜିଲାପାଳ ଭରଦ୍ୱାଜ ଇଭିଏମ ମେଶିନରେ ମତଦାନ କରି ଲୋକଙ୍କୁ ସଚେତନ କରୁଛନ୍ତି।

- ୯ ବିଧାନସଭା ମଣ୍ଡଳୀରେ ଗଡ଼ିଲା ୬୩ ଗାଡି
- ୪୦୪ ପଞ୍ଚାୟତରେ ଲୋକଙ୍କୁ କରିବ ସଚେତନ
- ୪୫ ଦିନରେ ଶେଷ ହେବ କାର୍ଯ୍ୟକ୍ରମ
- ୧୨୬ କର୍ମଚାରୀ, ୬୩ ପୋଲିସ କର୍ମଚାରୀ ନିୟୋଜିତ

୧୨୬ ଜଣ କର୍ମଚାରୀ ଓ ୬୩ ଜଣ ପୋଲିସ କର୍ମଚାରୀ ଏଥିରେ ନିୟୋଜିତ ଅଛନ୍ତି। ଆସନ୍ତା ୪୫ ଦିନ ମଧ୍ୟରେ ଏହି କାର୍ଯ୍ୟକ୍ରମ ଶେଷ କରିବାକୁ ଜିଲା ପ୍ରଶାସନ ଟାର୍ଗେଟ ରଖିଥିବା ଜିଲାପାଳ ଭରଦ୍ୱାଜ କହିଛନ୍ତି। ଏହା ସହିତ ପ୍ରତି ବ୍ଲକରେ ୨ ଟି ଲେଖାଏଁ ଇଭିଏମ ମେଶିନ ରଖାଯାଇଛି। କୌଣସି କାରଣବଶତଃ ଗାଡିରେ ଥିବା ଇଭିଏମ ଖରାପ ହେଲେ ଏହାକୁ ବ୍ୟବହାର କରାଯାଇ ପାରିବ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କିମ୍ବା ବାରିପଦା ପୌର ପରିଷଦରେ ଏକ ସ୍ଥାୟୀ ବୁଥ ଖୋଲାଯିବ। ଏଥିରେ ଏଠାକୁ ଆସୁଥିବା ଭୋଟର ନିଜ ନାମ ପଞ୍ଜୀକୃତ କରି ମତଦାନର ପ୍ରକ୍ରିୟା ସମ୍ପର୍କରେ ଜାଣିପାରିବେ। ପ୍ରତିଦିନ ସକାଳ ୧୦ ରୁ ଅପରାହ୍ଣ ୫ ଟା ପର୍ଯ୍ୟନ୍ତ ଏହା ଖୋଲା ରହିବ। ଆଗାମୀ ଦିନରେ ଜିଲାର ଅନ୍ୟ ମ୍ୟୁନିସିପାଲଟି ଓ ଏନଏସିରେ ମଧ୍ୟ ସ୍ଥାୟୀ ବୁଥ ଖୋଲାଯିବ ବୋଲି ଜିଲାପାଳ ଭରଦ୍ୱାଜ କହିଛନ୍ତି। କାର୍ଯ୍ୟକ୍ରମ ଶେଷରେ ଜିଲାପାଳ ଭରଦ୍ୱାଜ ଇଭିଏମ ମେଶିନରେ ଭୋଟ ଦେଇ ଲୋକଙ୍କୁ ସଚେତନ କରିଥିଲେ ।

ଇଭିଏମ ମେଶିନର କ୍ରମିକ ସଂଖ୍ୟାରୁ ପ୍ରାର୍ଥୀଙ୍କ ନାମ, ତାଙ୍କ ଫଟୋ ଏବଂ ଏହାର ସମ୍ମୁଖରେ ତାଙ୍କ ନିର୍ବାଚନ ଚିହ୍ନ/ସଙ୍କେତ ଦେଖାଯାଏ। ଭୋଟ ଦେବାକୁ ହେଲେ ନିଜ ପସନ୍ଦର ପ୍ରାର୍ଥୀଙ୍କ ନାମ ଏବଂ ନିର୍ବାଚନ ଚିହ୍ନ ସିଧାରେ ଥିବା ବଟମକୁ ଦବାଇବାକୁ ହେବ। ମତଦନ ବଟମ ଦବାଇବା ପରେ ଏହାର ସିଧାରେ ଥିବା ଚିହ୍ନ ଲାଲ ହୋଇଯାଏ। ଅର୍ଥାତ ମତଦାନ ପ୍ରକ୍ରିୟାକୁ ମେଶିନ ଗ୍ରହଣ କରିଥାଏ। ଏହି ଏଭିଏମ ସହିତ ପ୍ରଥମ ଥର ପାଇଁ ଭିଭିପିଏଟି ମେଶିନର ଉପଯୋଗ କରାଯାଇଛି। ମତଦାନ ପ୍ରକ୍ରିୟା ମେଶିନ ଗ୍ରହଣ କରିବା ପରେ ବିବିପିଏଟି ମେଶିନରେ ୭ ସେକେଣ୍ଡ ପର୍ଯ୍ୟନ୍ତ ଏକ କାଗଜ ଚିଠା ଦେଖାଦେବ। ଯେଉଁଥିରେ ପ୍ରାର୍ଥୀଙ୍କର ସରଳ କ୍ରମିକ ସଂଖ୍ୟା, ନାମ ଏବଂ ନିର୍ବାଚନି ସଙ୍କେତ ଦେଖାଦେବ। ଏହା ପରେ ମତଦାନ ପ୍ରକ୍ରିୟା ଶେଷ ହେବ। ଯେ କୌଣସି ବ୍ୟକ୍ତି ଚାହିଁଲେ ଏହି ମତଦାନ ପ୍ରକ୍ରିୟାରେ ଭାଗ ନେଇ ମତଦାନ କରି ନିଜ ମନରେ ଥିବା ଶଙ୍କାକୁ ଦୁର କରିପାରିବେ ବୋଲି ଜିଲାପାଳ ଭରଦ୍ୱାଜ କହିଛନ୍ତି।

■ ନାବାଳିକା ବଳାତ୍କାର ଘଟଣା

# ସମ୍ପର୍କୀୟ ମଉସା ଗିରଫ

**ଖୁଣ୍ଟା,୭।୧(ଡି.ଏନ.ଏ.)**

ଖୁଣ୍ଟା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ସମ୍ପର୍କୀୟ ମଉସା ଗିରଫ ହୋଇଛନ୍ତି। ଗିରଫଜଣକ ହେଉଛନ୍ତି ଉଦଳା ଥାନା ଅନ୍ତର୍ଗତ ଦିଗିନୂଆସାହି ଗ୍ରାମର ଚୈତନ୍ୟ ସିଂ(୩୨) । ଏଥିରେ ସମ୍ପୃକ୍ତ ତାଙ୍କ ସହଯୋଗୀ ଫେରାର ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଏନେଇ ଖୁଣ୍ଟା ଥାନାରେ ଏକ ମାମଲା (ନଂ୧/୧୯) ରୁଜୁ ହୋଇଛି।

ଚୈତନ୍ୟ ନିଜ ସହଯୋଗୀଙ୍କ ସହ ଗତ ୧ ତାରିଖ ସନ୍ଧ୍ୟାରେ ଖୁଣ୍ଟା ଥାନା ଅଧୀନ ଜଣେ ସମ୍ପର୍କୀୟ ୧୩ ବର୍ଷୀୟା ନାବାଳିକା ଝିଅାରୀଙ୍କ ଘରେ ପହଞ୍ଚିଥିଲେ। ନୂଆବର୍ଷ ଉପଲକ୍ଷେ ମାଉସୀ ଡାକିଥିବା କହି ତାଙ୍କୁ ବାଇକ୍‌ରେ ବସାଇ ନେଇ ଆସିଥିଲେ। ଏହାପରେ ବାଟରେ ଭିନ୍ନ ଭିନ୍ନ ସ୍ଥାନରେ ଉଭୟ ସମ୍ପୃକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକାଜଣକ କୌଶଳକ୍ରମେ ସେମାନଙ୍କ କବଳରୁ ଖସି ଆସି ଉଦଳା ଥାନା ଅନ୍ତର୍ଗତ ପୁରଡ଼ିହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଆଶ୍ରୟ ନେବା ସହିତ ସବୁକିଛି କହିଥିଲେ । ଘଟଣା ଜଣା ପଡ଼ିବା ପରେ ଉକ୍ତ ଗ୍ରାମର କେତେକ ଲୋକ ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ କାବୁକରି ଉତ୍ତମ ମଧ୍ୟମ ଦେଇଥିଲେ । ପରେ ଉଦଳା ଥାନା ଅଧୀନ କୁଶଳଦା ଫାଣ୍ଡିକୁ ଖବର ଦେଇଥିଲେ । ତେବେ ଫାଣ୍ଡି ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଗତ ୫ ତାରିଖରେ ନାବାଳିକାଙ୍କ ବାପା ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ ।



ଗିରଫ ଚୈତନ୍ୟ।

# ଜାତୀୟ ମତଦାତା ଦିବସ





ସଭାରେ ଉପସ୍ଥିତ ଅତିଥୀ ବୃନ୍ଦ।

**ବାରିପଦା ଅଫିସ,୭।୧**

ଜାତୀୟ ମତଦାତା ଦିବସ ପାଳନ ଅବସରରେ ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଯୋଗଦେଇ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷରେ ଜାତୀୟ ମତଦାତା ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଜିଲା ନିର୍ବାଚନ ଅଧିକାରୀ ନିର୍ମଳଚନ୍ଦ୍ର ବରାଳ ଓ ଏମକେସି ସରକାରୀ ପ୍ରଧାନଶିକ୍ଷକ ସୁଦର୍ଶନ ପଣ୍ଡା ଯୋଗଦେଇଥିଲେ। ବିଚାରକ ଭାବେ ଖୁଣ୍ଟା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମହାନ୍ତି ଓ ସିଆରସି ରତ୍ନାକର ବାନାର୍ଜି ଯୋଗଦେଇଥିଲେ। ପ୍ରାରମ୍ଭରେ ଶିକ୍ଷକ ଶଶିଧର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଅମିତାଭ ମିଶ୍ର ଧନ୍ୟବାଦ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସୀତାଂଶୁ ଶେଖର ପାତ୍ର ଓ ମିଳନ ମହାନ୍ତି ତଥା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର ସପନ କୁମାର ପୃଷ୍ଟି ଓ ଅଭିମନ୍ୟୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଅଭୀସା ଦାସ ପ୍ରଥମ ହୋଇଥିବା ବେଳେ ଶ୍ରୁତିଲେଖା ବେହେରା ଦ୍ୱିତୀୟ ଏବଂ ଆୟାଶା ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କୁଇଜ ପ୍ରତିଯୋଗିତାରେ ସୁଶ୍ରୀ ରାଜଶ୍ରୀ ସୋରେନ ପ୍ରଥମ, ଦୀପୁ ପାଲେୟା ଦ୍ୱିତୀୟ ଏବଂ ସରୋଜ ବାଙ୍କିରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସ୍ଲୋଗାନ ପ୍ରତିଯୋଗିତାରେ ମାଳାବତୀ ମହାନ୍ତ ପ୍ରଥମ, ରେଖା ଦଣ୍ଡପାଟ ଦ୍ୱିତୀୟ ଏବଂ ନାଜିୟା ଶକକତୁନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

■ ଲାବଣ୍ୟଦେଈପୁର ପଞ୍ଚାୟତବାସୀଙ୍କ ବିକ୍ଷୋଭ

# ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ

**କପ୍ତିପଦା,୭।୧(ଡି.ଏନ୍.ଏ)**

କପ୍ତିପଦା ବ୍ଲକ୍ ଅଧୀନ ଲାବଣ୍ୟଦେଈପୁର ପଞ୍ଚାୟତବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାର ସେମାନଙ୍କ ପାଇଁ ଯେତେ ଜନହିତକର ଯୋଜନା କାର୍ଯ୍ୟକାରୀ କଲେ ମଧ୍ୟ ତା'ର ସୁଫଳ ପାଇବାରୁ ସେମାନେ ବଞ୍ଚିତ ହେଉଛନ୍ତି । ନିର୍ବାଚିତ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି କାର୍ଯ୍ୟ ପାଇଁ ସେମାନେ ବହୁ ସମସ୍ୟା ଦେଇ ଗତି କରୁଛନ୍ତି । ପ୍ରତିବାଦରେ ସୋମବାର ଉକ୍ତ ପଞ୍ଚାୟତର ୧୦ ଓ ୧୧ ନମ୍ବର ୱାର୍ଡର ଶତାଧିକ ମହିଳା ଓ ପୁରୁଷ କପ୍ତିପଦା ବ୍ଲକ୍ ସମ୍ମୁଖରେ ପହଞ୍ଚି ପ୍ରତିବାଦ ଜଣାଇଛନ୍ତି। ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବା ସହିତ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଗାଁ ମୁଖିଆ ଜୟ ମୁର୍ମୁ ଓ ମଙ୍ଗିଲାଲ ସିଂ କହିଛନ୍ତି । ଏହା ପରେ ସେମାନଙ୍କର ଏକ ପ୍ରତିନିଧି ଦଳ କପ୍ତିପଦା ବିଡିଓ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ପଞ୍ଚାୟତର ଏହି ଦୁଇ ୱାର୍ଡରେ ୪୮ ଜଣ ବିଧବା ଭତ୍ତା ପାଉ ନ ଥିବାବେଳେ ୩୦୨ ଜଣଙ୍କ ପାଇଖାନା ନାହିଁ । ସେହିପରି ବିଭିନ୍ନ ସମସ୍ୟାକୁ ଆଳ କରି ୮୫ ଜଣ ହିତାଧିକାରୀଙ୍କ ରାଶନକାର୍ଡ ଲିଙ୍କ୍ କରାଯାଉ ନାହିଁ। ଯାହା ଫଳରେ ସେମାନେ ଆବଶ୍ୟକୀୟ ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି । ୪୯ ଜଣ ଅତି ଗରିବ ପରିବାରଙ୍କ ଘର ନ ଥିବାବେଳେ ସେମାନେ ଶୀତ କାକର ଖରାବର୍ଷାରେ ଅତି ଦୟନୀୟ ଭାବେ ବସବାସ କରୁଛନ୍ତି । ସେହିପରି ୭ଜଣ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ଓ ୫ ଜଣ କଳାକାରଙ୍କୁ କଳାକାର ଭତ୍ତା ପ୍ରଦାନ କରାଯାଇ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ କପ୍ତିପଦା ବିଡିଓ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହନ୍ତି, ସମସ୍ୟା ସମ୍ପର୍କରେ ମୁଁ ଅବଗତ ନାହିଁ । ଆଲୋଚନା କରି ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ।



ଲାବଣ୍ୟଦେଈପୁର ପଞ୍ଚାୟତବାସୀ ବ୍ଲକ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି ।

## 'ଆମର ବାରିପଦା ସଙ୍ଗଠନ'ର ସାଧାରଣ ବୈଠକ

**ବାରିପଦା ଅଫିସ,୭।୧**

ବାରିପଦା କାଳିକାପୁରଠାରେ 'ଆମର ବାରିପଦା ସଙ୍ଗଠନ'ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁସ୍ମିତା ଘୋଷାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଯୋଗଦେଇଥିବା ମହିଳାମାନଙ୍କୁ ବିଶେଷ କରି ସଙ୍ଗଠନ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହାଛଡା ସମସ୍ତ ପ୍ରକାର ଅସୁବିଧାକୁ ଦୂରେଇ ଦେଇ ଏକତା ଭାବେ ରହି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହାଫଳରେ ସୁସ୍ଥ ଓ ସୁନ୍ଦର ବାରିପଦା ଗଠନ ହୋଇପାରିବ ବୋଲି ବୈଠକରେ ମତ ପାଇଥିଲା। ଏହାଛଡା ସେଠାକାର ବାସିନ୍ଦାଙ୍କର ପାଇଖାନ ଗୃହ ଓ ବିଦ୍ୟୁତ ସେବା କ୍ଷେତ୍ରରେ ବହୁ ଦୂରରେ ଥିବାରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଗୋଚର କରିବା ପାଇଁ ଆଲୋଚନା କରାଯାଇଥିଲା। ଅନୁଷ୍ଠିତ ଏହି ବୈଠକରେ ସଙ୍ଗଠନର ସମାଜସେବୀ ନିର୍ମଳ ମିଶ୍ର,ଦିଲ୍ଲୀପ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଆର୍ଥିକ ଶୋଷଣର ଚିତ୍ର





**ଡ. ସୁରେନ୍ଦ୍ର କୁମାର ମିଶ୍ର**

**ଓଡ଼ିଶାରୁ ଚାଲି ଯାଇଥିଲା ଅସୁମାରୀ ଧନରତ୍ନ**

**ଖାଲି ହୋଇଯାଇଥିଲା ଓଡ଼ିଶାର ରାଜକୋଷ**

ଫିରିଙ୍ଗି ଶାସନ ଆରମ୍ଭରୁ ୧୫ଟି ପଦକ୍ଷେପ ନେଇ କିପରି ଓଡ଼ିଶାକୁ ଶୋଷଣ କରି ଚାଲିଥିଲେ, ତାହା ଆମେ ଜାଣିଲେ। ଚିତ୍ର ଖୁବ୍ ଭୟଙ୍କର ଥିଲା। କାରଣ ୫୧୨୦ଟି କଉଡ଼ିକୁ ଏକଟଙ୍କା ସଙ୍ଗେ ସମାନ କରିଦେବା ଫଳରେ ଅବମୂଲ୍ୟାୟନ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାତାରାତି ଲୋକେ ନିଃସ୍ୱ ହୋଇଗଲେ। ତେଣେ ଗଜପତିଙ୍କ ଅମଳରେ ଶାସନ, କରବାଡ଼, ଗଡ଼, ପାଇକ ଗାଁ ଓ ପଡ଼ାଗୁଡ଼ିକ ନିଷ୍କର ଥିଲା। କର ଧାର୍ଯ୍ୟ କରି ଖଜଣା ଆଦାୟ କରିବା ଫଳରେ ଲୋକେ ତାହା ଦେଇ ନ ପାରି ଭୂମିହୀନ ଅବସ୍ଥାକୁ ଚାଲିଗଲେ। କାରଣ ଓଡ଼ିଶାର ସାମରିକ ବାହିନୀରେ ସୈନ୍ୟବାହିନୀର ସାହାଯ୍ୟ ପାଇଁ ପ୍ରାୟ ସବୁ ଜାତିର ଲୋକେ ସାମିଲ ଥିଲେ। ସେମାନେ ନିଷ୍କର ଜମି ଭୋଗଦଖଲରେ ଥିଲେ। ତାହା ଉପରେ କର ଧାର୍ଯ୍ୟ କରିଦେବା ଫଳରେ ଖଜଣା ଦେବାକୁ ସେମାନେ ସମର୍ଥ ହୋଇପାରି ନ ଥିଲେ। କେବଳ ସେତିକି ନୁହେଁ, ୧୮୦୬ରୁ ୧୮୧୬ ମସିହା ମଧ୍ୟରେ ଦୁଇହଜାରରୁ ଅଧିକ ଜମିଦାରି (ହାରାହାରି ୨୩୦୦) ସୂର୍ଯ୍ୟାସ୍ତ ଆଇନ ବଳରେ କଲିକତାଠାରେ ନିଲାମ ହୋଇ ଯାଇଥିଲା। ପାଖାପାଖି ୩୬୦ଟି ଜମିଦାରି ନିଲାମ ଧରି ବଙ୍ଗାଳୀମାନେ ମାଲିକ ହୋଇଯିବା ପରେ ଜମିଦାର କେବଳ କାଙ୍ଗାଳ ହେଲେ ନାହିଁ, ଜମିଦାରି ଉପରେ ନିର୍ଭର କରୁଥିବା ଶହ ଶହ ଗ୍ରାମବାସୀ ଦିଗହରା ହୋଇପଡ଼ିଲେ। ୧୮୧୪ ମସିହା ବେଳକୁ ୧୦,୨୪୦ଟି କଉଡ଼ି ଅର୍ଥାତ୍ ୨ ଟଙ୍କା ବଦଳରେ ମହଣେ ମାତ୍ର ଲୁଣ ମିଳିଲା।



ଆକବର



ଜାହାଙ୍ଗୀର

| କ୍ର.ସଂ | ଘଟଣାର ସମୟ | ଆକ୍ରମଣକାରୀଙ୍କ ନାମ | ଲୁଣ୍ଠନର ବିବରଣୀ |
|---|---|---|---|
| ୧. | ୬୭୦ଖ୍ରୀ.ରୁ ୬୭୫ | ଆରବ୍ୟ ରକ୍ତବାହୁ | ଘର ତୁମାଳ - ମହାକୁଡ) ଜଣାପଡ଼ି ନାହିଁ। |
| ୨. | ୧୩୪୦ ଖ୍ରୀ. | ବଙ୍ଗଳାର ନବାବ ଇଲିଆସ୍ ଶାହା | ଜଣାପଡ଼ି ନାହିଁ। |
| ୩. | ୧୩୬୦ ଖ୍ରୀ. | ଦିଲ୍ଲୀର ବାଦଶାହ ଫିରୋଜଶାହ ତୋଗଲକ୍ | ଚିଲିକାରେ ନରସଂହାର କରିବା ପରେ ୭୩ଟି ହାତୀ ସହିତ ହୀରା, ନୀଳା, ମୋତି, ମାଣିକ୍ୟ, ସୁନା ଓ ରୂପା ସହ ଦିଲ୍ଲୀ ପଳେଇ ଯାଇଥିଲେ। ସମ୍ପୂର୍ଣ୍ଣ ଲୁଣ୍ଠନ ତାଲିକା 'ତାରିଖେ ଫିରୋଜ ସାହି' ପୁସ୍ତକରୁ ଜଣାପଡ଼େ। |
| ୪. | ୧୫୦୯ ଖ୍ରୀ. | ଇସ୍‌ମାଇଲ ଗାଜି | ଶ୍ରୀମନ୍ଦିର ଚଳନ୍ତି ଭଣ୍ଡାରର ସମସ୍ତ ଧନରତ୍ନ ସେ ନେଇଯାଇ ଭେଟି ଦେଇଥିଲେ ବଙ୍ଗ ସୁଲତାନଙ୍କୁ ତାଙ୍କ ରାଜ ଉଆସରେ ଅର୍ଥାତ୍ ମନ୍ଦାରଣ ଦୁର୍ଗରେ। |
| ୫. | ୧୫୬୮ ଖ୍ରୀ. | କଳାପାହାଡ | ୩୦ଟି ହାତୀରେ ୩୦ ମହଣ ସୁନା, ସମଗ୍ର ଓଡ଼ିଶାରୁ ୭ ମହଣର ସୁନା ମୂର୍ତ୍ତି ଓ ଶ୍ରୀମନ୍ଦିରରରୁ ୭ ଶହ ସ୍ୱର୍ଣ୍ଣ ପ୍ରତିମା ଲୁଣ୍ଠନ କରିଥିଲେ (ମଖଜନ-ଇ-ଆଫଗାନୀ ଓ ଆକବରନାମା ପୁସ୍ତକରୁ ଏହା ଜଣାଯାଏ)। |
| ୬. | ୧୫୯୨ ଖ୍ରୀ. | ପଠାଣ ସୁଲେମାନ୍, ଓସ୍‌ମାନ୍ | ଏମାନେ ଶ୍ରୀଜଗନ୍ନାଥ ମନ୍ଦିର ଲୁଣ୍ଠନ କରିଥିଲେ ମଧ୍ୟ ବାଦଶାହ ଆକବରଙ୍କ ପାଖକୁ ଧନରତ୍ନ ନ ପଠାଇ ଓସମାନର ପିତା ଖ୍ୱାଜାଇଶା ଯେ କି ଓଡ଼ିଶାର ସର୍ବେସର୍ବା ଥିଲେ, ତାଙ୍କୁ ଦେଇଥିବାର ଜଣାଯାଏ। |
| ୭. | ୧୬୦୧ ଖ୍ରୀ. | ମିର୍ଜା ଖୁରୁମ୍ | ଏମାନେ ଲୁଣ୍ଠନ କରିଥିବା ଧନରତ୍ନ ମଧ୍ୟ ଆକବରଙ୍କ ପାଖରେ ନ ପହଞ୍ଚି ଓଡ଼ିଶା ଶାସକ ସଲିମ (ଜାହାଙ୍ଗୀର) ପାଖରେ ପହଁଚି ଥିଲା। ସେତେବେଳେ ସଲିମ ରହୁଥିଲେ ଆଲ୍ଲାହାବାଦରେ। |
| ୮. | ୧୬୦୭ ଖ୍ରୀ. | ହାସିମ୍ ଖାଁ | ପ୍ରଚୁର ଧନରତ୍ନ ଶ୍ରୀମନ୍ଦିରରୁ ନେଇଥିଲେ, ମାତ୍ର ତାହା ମଧ୍ୟ ବାଟମାରଣା ହୋଇଥିଲା। |

ଫିରିଙ୍ଗି ଶାସନ ପୂର୍ବରୁ ଆଫଗାନ, ମୁସଲମାନ, ମୋଗଲ ଓ ମରହଟ୍ଟାମାନେ ସେତେବେଳକୁ ପ୍ରାୟ ୫୦୦ ବର୍ଷରୁ ଉର୍ଦ୍ଧ୍ୱ ଓଡ଼ିଶାକୁ ଦୁଧିଆଳୀ ଗାଈ ଭାବି ଦୁହିଁ ଚାଲିଥିବାର ଇତିହାସ ଅଛପା ନୁହେଁ କି ଅଜଣା ନୁହେଁ। ଶ୍ରୀମନ୍ଦିର ତଥା ଖୋର୍ଦ୍ଧାଗଡ଼ ଉପରେ ବାରମ୍ବାର ଆକ୍ରମଣ କରି ଆମର ଆର୍ଥିକ ମେରୁହାଡ଼ ଭାଙ୍ଗି ଦେଇଥିଲେ। କେବଳ ଶ୍ରୀମନ୍ଦିର ଉପରେ ୧୮ ଥର ଆକ୍ରମଣ କରି ଯେଉଁ ଧନରତ୍ନ ଓଡ଼ିଶାରୁ ନେଇ ଯାଇଥିଲେ, ତାହା ଆମ ଇତିହାସ ପୁସ୍ତକ ଅପେକ୍ଷା ମୁସଲମାନ ଓ ମୋଗଲ ଇତିହାସରେ ଅଧିକ ବର୍ଣ୍ଣନା ହୋଇଛି। ପ୍ରସଙ୍ଗ ଦୃଷ୍ଟିରୁ ତାହାର ସାମାନ୍ୟ ଚିତ୍ର ଆମେ ଦେଖିବା ଜରୁରୀ। ୧୮ ଥର ଆକ୍ରମଣ ମଧ୍ୟରୁ ଆମେ ୧୫ ଥର ଆକ୍ରମଣର ସଂକ୍ଷିପ୍ତ ଇତିହାସ ପାଇଛୁ। ତିନିଥର ଆକ୍ରମଣର ସବିଶେଷ ଇତିହାସ କଥା ଛାଡ଼, ସାମାନ୍ୟ ଇତିହାସ ମଧ୍ୟ ଜଣାପଡ଼ି ନାହିଁ।

### ଲୁଣ୍ଠନର ସଂକ୍ଷିପ୍ତ ଚିତ୍ର

ଗୁଜରାଟର ସୋମନାଥ ମନ୍ଦିର ଉପରେ ୧୭ଥର ଆକ୍ରମଣ ହୋଇଥିବାବେଳେ ଶ୍ରୀମନ୍ଦିର ଉପରେ ଆକ୍ରମଣ ହୋଇଥିଲା ୧୮ଥର। ଆକ୍ରମଣ କାଳରେ ମହାପ୍ରଭୁ ଶ୍ରୀମନ୍ଦିର ଛାଡ଼ି ୨୨ ଥର ବାହାରେ ଲୀଳା କରିଛନ୍ତି। ଏ ପର୍ଯ୍ୟନ୍ତ ଗବେଷଣା ଫଳରେ ଜଣାପଡ଼ିଥିବା ୨୨ ଥର ଆହୁରି ବଢ଼ିପାରେ। କାରଣ ୫ଥର ଆକ୍ରମଣ କାଳରେ ମହାପ୍ରଭୁ କେଉଁଠିକି ବିଜେ କରିଥିଲେ ତାହା ଜଣାପଡ଼ି ନାହିଁ। ଲୀଳା କରିବାକୁ ଶ୍ରୀମନ୍ଦିର ବାହାରେ ୧୬୨ ବର୍ଷ ମହାପ୍ରଭୁ ରହିଥିବାର ଜଣାପଡୁଥିଲେ ମଧ୍ୟ ତାହା ଆହୁରି ଅଧିକ ବର୍ଷ ହେବାର ସମ୍ଭାବନା ରହିଛି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଜାନୁୟାରୀ ୮/୨୦୧୯ Balasore, Tuesday, January 8/ 2019


## ସଂକ୍ଷେପରେ



## ଜଙ୍ଗଲ ଜମି ଅଧିକାର ନିମନ୍ତେ ବିକ୍ଷୋଭ

**ଉଦଳା,୭।୧ (ଡି.ଏନ.ଏ.)**- ରାଜ୍ୟ ସରକାରଙ୍କ ଜଙ୍ଗଲ ଜମି ଅଧିକାର ଆଇନରେ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦାବିରେ ସୋମବାର କଂଗ୍ରେସ୍ ଆଦିବାସୀ ସେଲ୍ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ତତସହିତ ବିଡିଓଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଏହି ଶୋଭାଯାତ୍ରାରେ ବ୍ଲକ ଅଧୀନ ୫ ପଞ୍ଚାୟତର ହିତାଧିକାରୀ ସାମିଲ ହୋଇଥିଲେ । ମୟୂରଭଞ୍ଜରେ ୧୪ ଲକ୍ଷ ୯୫ ହଜାର ହିତାଧିକାରୀଙ୍କ ମଧ୍ୟରୁ ୫୦ ହଜାର ହିତାଧିକାରୀଙ୍କୁ ଜଙ୍ଗଲ ଅଧିକାର ଆଇନରେ ପଟ୍ଟା ମିଳିଥିବା ବେଳେ ଅନ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଛନ୍ତି । ଏହା ସହିତ କିଛି ହିତାଧିକାରୀଙ୍କ ଜଙ୍ଗଲ ଜମି ରେକର୍ଡ ସଂଶୋଧନ ହୋଇନାହିଁ । ଜଙ୍ଗଲ ଜମି ଅଧିକାର ଆଇନରେ ହିତାଧିକାରୀଙ୍କୁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା କଂଗ୍ରେସ୍ ଆଦିବାସୀ ସେଲ୍ ଅଭିଯୋଗ କରିଛି । ଏହି ବିକ୍ଷୋଭରେ କଂଗ୍ରେସ୍ ଆଦିବାସୀ ସେଲ୍ ଅଧକ୍ଷ ଶ୍ୟାମସୁନ୍ଦର ହାଁସଦା, ଯୁବନେତା ଦୁଃଖିଶ୍ୟାମ ମୁର୍ମୁଙ୍କ ସମେତ ଶତାଧିକ ହିତାଧିକାରୀ ସାମିଲ ହୋଇଥିଲେ ।

## ଅବକାରୀ ଚଢ଼ାଉ, ୪ ଗିରଫ



**ଜଳେଶ୍ୱର, ୭।୧(ଡି.ଏନ.ଏ.)**- ଜିଲା ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଓ ଅବକାରୀ ଥାନା ତରଫରୁ ସୋମବାର ଭୋଗରାଇ ବ୍ଲକ ଅଞ୍ଚଳର ନିମାତପୁର, କୃଷ୍ଣନଗର, ଚନ୍ଦନେଶ୍ୱର, ବାଜିତପୁର, ଭୋଗରାଇ ଚଟାଣଛକ, କଟୁଆଡ଼ି ଆଦି ଅଞ୍ଚଳରେ ଅତର୍କିତ ଭାବେ ଚଢ଼ାଉ କରାଯାଇ ୬୯ ଲିଟର ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ୪ ପୃଥକ୍ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ ପଶ୍ଚିମବଙ୍ଗ ସରକାରଙ୍କ ସିଲ୍ ଥିବା ମଦ ଓ ଦେଶୀ ରନ୍ଧାମଦ ବିକ୍ରୟ କରୁଥିଲେ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ନିମାତପୁର ଗ୍ରାମର ଗୋପବନ୍ଧୁ ଦଲାଇ, କୃଷ୍ଣନଗର ଗ୍ରାମର ଜଗନ୍ନାଥ ମଲ୍ଲିକ, ବାଜିତପୁର ଗ୍ରାମର ଭୂପତି ଗିରି ଓ କଟୁଆଡ଼ି ଗ୍ରାମର ନିଗମଗୁରୁ ଦତ୍ତ ଅଛନ୍ତି। ଅବକାରୀ ରେଂଜ ଇନ୍ସପେକ୍ଟର କରୁଣାଶଙ୍କର ତିୱାରୀଙ୍କ ନେତୃତ୍ୱରେ ଏସ୍‌ଆଇ ହରପ୍ରସାଦ ରଣା, ଏଏସ୍‌ଆଇ ଦଳଗୋବିନ୍ଦ ଧଳ, କନଷ୍ଟେବଳ ରାଜୀବ ଭଞ୍ଜ, ମିନତି ଜେନା ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

### ଠାକୁରଙ୍କ ଜମିରୁ ବଳପୂର୍ବକ କାଟି ନିଆଯାଇଛି ଧାନ

# କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା

**ଜଳେଶ୍ୱର, ୭।୧(ଡି.ଏନ.ଏ.)**

ଜଳେଶ୍ୱର ଥାନା କୋଟସାହି ପଞ୍ଚାୟତ ଅନ୍ତର୍ଗତ କୋଟସାହି ଗ୍ରାମସ୍ଥିତ କଞ୍ଚନେଶ୍ୱର ମହାଦେବ ମନ୍ଦିରରେ ବିଜେ ଠାକୁରଙ୍କ ନାମରେ ଥିବା ୫୯ ଡିସିମିଲ ଚାଷ ଜମିରେ ଅମଳ ହୋଇଥିବା ଧାନକୁ ଗ୍ରାମରକ୍ଷୀ ଓ ତାଙ୍କ ସହଯୋଗୀ ମିଶି ବଳପୂର୍ବକ ଗତ ନଭେମ୍ବର ୫ ତାରିଖରେ କାଟି ନେଇଯାଇଥିଲେ । ଯାହାକୁ ନେଇ ଉକ୍ତ ଜମିକୁ ବିଧିବଦ୍ଧ ଭାବେ ଭାଗରେ ନେଇ ଚାଷ କରିଥିବା ଚାଷୀ ଖଗେନ୍ଦ୍ର ସେଣ ସେମାନଙ୍କ ବିରୋଧରେ ଜଳେଶ୍ୱର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୩୩୧/୨୦୧୮) ରୁଜୁ କରି ନୀରବଦ୍ରଷ୍ଟା ସାଜିଛି। ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପୂର୍ବରୁ ଚାଷୀ ସେଣ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ କରିଥିଲେ । ତେବେ ପରୋକ୍ଷରେ ପୋଲିସ ସେମାନଙ୍କୁ ଘଣ୍ଟ ଘୋଡ଼ାଉଛି ବୋଲି ଅଭିଯୋଗ ଆଣି ସୋମବାର ଜଳେଶ୍ୱର ଥାନା ସମ୍ମୁଖରେ କୋଟସାହି ଗ୍ରାମର ଉତ୍ତମ ଦାସମହାପାତ୍ର, ଗୋପାଳ ବେହେରା, ସଞ୍ଜୁଲତା ସେଣ, ବବିତା ଘୋଷ, ସୁକାନ୍ତି ଗିରିଙ୍କ ସମେତ ଶତାଧିକ ଗ୍ରାମବାସୀ ଧାରଣାରେ ବସିଥିଲେ । ଅପରାହ୍ନ ୩ଟାରେ ଧାରଣାକାରୀ ଗ୍ରାମବାସୀଙ୍କୁ ନେଇ ଏସ୍‌ଡିପିଓ ରାମଚନ୍ଦ୍ର ଗୌଡ଼ୁ, ଆଇଆଇସି ପ୍ରଦୀପ କୁମାର ମାଝି, ଅତିରିକ୍ତ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ପ୍ରମୁଖଙ୍କ ସହ ଅଲୋଚନା କରିଥିଲେ । ଆସନ୍ତା ୧୫ଦିନ ମଧ୍ୟରେ ତହସିଲ ପ୍ରଶାସନ ତରଫରୁ ଧାନ କଟାଯାଇଥିବା ଚାଷ ଜମିର ମାପଚୁପ କରାଯାଇ ସଠିକ୍ ତଥ୍ୟକୁ ଆଧାର କରି ଅଭିଯୁକ୍ତଙ୍କ ବିରୋଧରେ ଆଇନ୍‌ଗତ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।



ଥାନା ଆଗରେ ଗ୍ରାମବାସୀ ଧାରଣା ଦେଇଛନ୍ତି ।

# ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ

**କେନ୍ଦୁଝର, ୭।୧(ସ୍ୱ.ପ୍ର.)**

ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ କେନ୍ଦୁଝର ଶାଖା ତରଫରୁ ସୋମବାର ୧୩ ଦଫା ଦାବିରେ ଆନ୍ଦୋଳନ ଓ ରାଲି ହୋଇଥିଲା । କେନ୍ଦୁଝର ଜିଲା ମୁଖ୍ୟାଳୟରେ ବିରାଟ ରାଲି କରି ଜେଲଭରୋ ଆନ୍ଦୋଳନ କରିଥିଲେ । କାଳୀପଡ଼ିଆରୁ ବାହାରି ଅଙ୍ଗନୱାଡି କର୍ମୀ ଓ ସହାୟିକା ଏକ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଥିବାବେଳେ ଥାନା ଛକରେ ଟାଉନ ପୋଲିସ ଅଟକ ରଖିଥିଲା । ସେଠାରେ ଅଙ୍ଗନୱାଡି କର୍ମୀ ଧାରଣା ଦେଇଥିଲେ । ସେମାନଙ୍କ ରହିଥିବା ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ ।

ଏହି ଆନ୍ଦୋଳନରେ ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଡାକ୍ତର ମହାନ୍ତ, କେନ୍ଦୁଝର ଜିଲା ସଭାପତି ଉମାକାନ୍ତ ଦାସ, ଉପସଭାପତି ଶ୍ରୀକାନ୍ତ ନାଏକ, ସମ୍ପାଦକ ବିବେକାନନ୍ଦ ମହାନ୍ତ, ସହସମ୍ପାଦକ ନିର୍ମଳ ବାରିକ, ଭାସ୍କର ନାଏକ, ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍‌ର ଜିଲା ସଭାନେତ୍ରୀ ମମତାରାଣୀ ବେହେରା, ସମ୍ପାଦିକା ସୁଷମାରାଣୀ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ । ଏକ ପ୍ରତିନିଧି ଦଳ ସଂଘର ଦାବିପତ୍ରକୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

### ଭୂତଳଜଳ ଶୋଷି ନେଉଛି ଇମାମୀ

# ଜିଲାପାଳଙ୍କଠାରେ ଅଭିଯୋଗ କଲେ ସ୍ଥାନୀୟ ବାସିନ୍ଦା


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ସ୍ଥାନୀୟ ଲୋକେ ।

**ବାଲେଶ୍ୱର ଅଫିସ, ୭।୧**

ବାଲେଶ୍ୱର ରେମୁଣା ବ୍ଲକ ବାଲଗୋପାଳପୁରସ୍ଥିତ ଇମାମୀ ପେପର ମିଲ୍‌ସ ପରିସରରେ ବହୁସଂଖ୍ୟକ ବୋର୍‌ୱେଲ ଖନନ କରି ଭୂତଳଜଳକୁ ବ୍ୟବହାର କରି ୪ଟି ପେପର ପ୍ଲାଣ୍ଟ, ୩ଟି ପାୱାର ପ୍ଲାଣ୍ଟ ଚଳାଯାଉଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳ ସ୍ତର କ୍ରମଶଃ ନିମ୍ନଗାମୀ ହେବା ସହ ପାନୀୟ ଜଳର ଘୋର ସମସ୍ୟା ଦେଖାଦେଇଛି। ଚାଷଜମିକୁ ପାଣି ଯୋଗାଇବା ପାଇଁ ଚାଷୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ସୋମବାର ଜିଲାପାଳ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି।

କାରଖାନାରୁ ନିର୍ଗତ ପାଣି ସପନା ନାଳ ଦେଇ ସୋନ ନଦୀରେ ମିଶୁଥିବାରୁ ନଦୀର ମାଛ ମରିବା ସହ ଗୋରୁ, ଗାଈ, ଛେଳି ଉକ୍ତ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଗଣେଶ୍ୱରପୁର ସମିତିସଭ୍ୟ ଅଶୋକ କୁମାର ସେଠୀ ଅଭିଯୋଗ କରିଛନ୍ତି। ପାୱାର ପ୍ଲାଣ୍ଟ ଚିମିନି ଦ୍ୱାରା ଧୂଆଁ ସହିତ କଳା ଡ଼ଷ୍ଟ ନିର୍ଗତ ହୋଇ ପରିବେଶ ଦୂଷିତ ହେଉଛି। କମ୍ପାନୀରେ ବ୍ୟବହାର ହେଉଥିବା ୱେଷ୍ଟେଜ୍ ପଲିଥିନ୍‌କୁ ବାହାରେ ପକାଇ ନିଆଁ ଲଗାଇବା ଦ୍ୱାରା ଅଞ୍ଚଳ ଦୂଷିତ ହେବା ସହ ବିଭିନ୍ନ ପ୍ରକାର ଚର୍ମ, ଆଖି, ଟିବି ଓ ହାର୍ଟ ରୋଗରେ ସ୍ଥାନୀୟ ଲୋକେ ଆକ୍ରାନ୍ତ ହେଉଥିବାର ରେମୁଣା ସମିତିସଭ୍ୟ କୃଷ୍ଣଚନ୍ଦ୍ର ଜେନା ଅଭିଯୋଗ କରିଛନ୍ତି। ଏହାର ସମାଧାନ ୧୫ ଦିନ ମଧ୍ୟରେ ନ ହେଲେ ଜିଲାପାଳଙ୍କ ଅଫିସ୍ ଘେରାଉ ସହ ଆଇନ୍ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ରେମୁଣା ବ୍ଲକ ଉପସଭାପତି ମଞ୍ଜୁଲତା ଦାସ, ଦହପଡ଼ା ସମିତିସଭ୍ୟା ପ୍ରମୋଦିନୀ ଜେନା, ଶେରଗଡ଼ ସରପଞ୍ଚ ଟିକିନା ସିଂ, ବରୁଣସିଂ ସରପଞ୍ଚ ରଘୁନାଥ ନାୟକ, ଜିଲାପରିଷଦ ସଦସ୍ୟ ବିପିନ ମାରାଣ୍ଡି ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ରାଜ୍ୟ ପ୍ରଦୂଷଣ ବୋର୍ଡ଼, ବାଲେଶ୍ୱର ରିଜିଓନାଲ ମ୍ୟାନେଜର ଡ. ପି. କେ. ମହାପାତ୍ର କହିଛନ୍ତି ଯେ, ସମସ୍ତ ଚିମିନିରେ ଇଏସ୍‌ପି ୨୪ ଘଣ୍ଟା କାର୍ଯ୍ୟ କରୁଛି। ଯାହା ଅନଲାଇନ୍ ଦ୍ୱାରା ତଦାରଖ କରାଯାଉଛି। କାରଖାନାରୁ ନିର୍ଗତ ଦୂଷିତ ଜଳକୁ ସ୍ୱଚ୍ଛ କରାଯାଇ ସପନା ନାଳ ଦ୍ୱାରା ସୋନ ନଦୀରେ ନିର୍ଗତ ହେଉଛି। ଯାହା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ବାରମ୍ବାର ତଦନ୍ତ କରାଯାଉଛି। ଭୂତଳ ଜଳ ପାଇଁ ଖୋଲା ହୋଇଥିବା ବୋର୍‌ୱେଲ ପାଇଁ କାରଖାନା କର୍ତ୍ତୃପକ୍ଷ ବିଭାଗୀୟ ଅଧିକାରୀଙ୍କଠାରୁ ଅନୁମତିପ୍ରାପ୍ତ ହୋଇଥିବାର ପ୍ରକାଶ କରିଥିଲେ।

ଏ ସମ୍ପର୍କରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ କହନ୍ତି, ଅଭିଯୋଗକୁ ଭିତ୍ତି କରି ୩ ଜଣ ଉଚ୍ଚପଦସ୍ଥ ସମ୍ପୃକ୍ତ ଅଧିକାରୀଙ୍କ ମାଧ୍ୟମରେ ଏକ କମିଟି ଗଠନ କରାଯାଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କମ୍ପାନୀ କର୍ତ୍ତୃପକ୍ଷ ନିୟମ ଉଲ୍ଲଂଘନ କରୁଥିବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ମାମଲା

# ଜେଲ ଗଲେ ଅଭିଯୁକ୍ତ

**ରୂପସା, ୭।୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ବଗଦା ଗ୍ରାମର ବଳାତ୍କାର ଅଭିଯୁକ୍ତ ଶେରୁଅଲୀ ଖାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଯାଇଛି। ଶେରୁଅଲୀ ଜଣେ ଦିବ୍ୟାଙ୍ଗ ଯୁବତୀ ଗାଁ ପାଖ କାଜୁ ଜଙ୍ଗଲକୁ ଗତ ୧ ତାରିଖରେ ଡାକି ନେଇଥିଲେ । ସେଠାରେ ଯୁବକ ଜଣକ ଜଙ୍ଗଲ ଭିତରେ ତାଙ୍କୁ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ପରିବାର ଲୋକେ ଶେରୁଅଲୀଙ୍କୁ ପଚରାଉଚରା କରିବା ପରେ ସେ ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିବା ଏତେଲାରେ ଦର୍ଶାଯାଇଥିଲା । ଏ ସଂକ୍ରାନ୍ତରେ ଆଇଆଇସି ରୋଜାଲିନ ବେହେରା ଏକ ମାମଲା (ନଂ. ୧/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲେ । ରବିବାର ରାତିରେ ପୋଲିସ ସଦଳବଳେ ଚଢ଼ାଉ କରି ଗିରଫ କରିବାରେ ସମର୍ଥ ହୋଇଥିଲେ । ସୋମବାର ବାଲେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଯୁବତୀଙ୍କ ୧୬୪ ଧାରାରେ ବୟାନ ରେକର୍ଡ଼ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା ।

### ବେଆଇନ କରତକଳ ଉପରେ ଚଢ଼ାଉ

# ୪୦ ସିଏଫ୍ଟି କାଠ, ଯନ୍ତ୍ରାଂଶ ଜବତ

**ଔପଦା, ୭।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବନବିଭାଗ ପକ୍ଷରୁ ସୋର ତହସିଲ ଅନ୍ତର୍ଗତ ବାଇନଣ୍ଡା ଗ୍ରାମରେ ଚାଲୁଥିବା ବେଆଇନ କରତକଳ ଉପରେ ଚଢ଼ାଉ କରାଯାଇ ଯନ୍ତ୍ରାଂଶ ଓ ସାମଗ୍ରୀ ଜବତ କରାଯାଇଛି। ଔପଦା ରେଞ୍ଜର ପ୍ରଦୀପ କୁମାର ଜେନାଙ୍କ ନେତୃତ୍ୱରେ ଔପଦା ତହସିଲଦାର ପ୍ରଭାତ ମହାପାତ୍ରଙ୍କ ଉପସ୍ଥିତିରେ ୪୦ ସିଫ୍ଟ କାଠ ସହ କରତକଳର ଯନ୍ତ୍ରାଂଶ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇ ଔପଦା ବନବିଭାଗ କାର୍ଯ୍ୟାଳୟକୁ ଅଣାଯାଇଛି। ଚଢ଼ାଉ ବେଳେ ବେଆଇନ କରତ କଳର ମାଲିକ ଭାସ୍କର ଚନ୍ଦ୍ର ରାଉତ ସମେତ କରତକଳର ଅନ୍ୟାନ୍ୟ କର୍ମଚାରୀମାନେ ଫେରାର ହୋଇଯାଇଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୧୦୫/୨୦୧୯) ମାମଲା ରୁଜୁ ହୋଇଥିବା ଜଣାଯାଇଛି। ଏହି ଚଢ଼ାଉରେ ଔପଦା ଫରେଷ୍ଟର ସୁରମା ଦାସ, ପ୍ରତିମା ସ, ମଞ୍ଜୁଲତା ପ୍ରଧାନ ଓ ସଞ୍ଜୟ ମହାନ୍ତି ପ୍ରମୁଖ ସାମିଲ ଥିଲେ।






### ସର୍ବଭାରତୀୟ ମା' ବାସୁଳି କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

# ଆରଓ୍ୱାଇସିସି ରାଉରକେଲା ବିଜୟୀ


ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି ।

**ହାଟଡିହୀ, ୭।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଆଞ୍ଚଳିକ ଯୁବ ପରିଷଦ ତରଫରୁ ସ୍ଥାନୀୟ ମଠ କପୁଣ୍ଡି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସର୍ବଭାରତୀୟ ମା' ବାସୁଳୀ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ଦିନରେ ରାଞ୍ଚି ରେଲୱେ ଏବଂ ଆରଓ୍ୱାଇସିସି ରାଉରକେଲା ମଧ୍ୟରେ ଖେଳ ହୋଇଥିଲା । ଆରଓ୍ୱାଇସିସି ରାଉରକେଲା ୨୫ ଓଭରରେ ୬ ଉଇକେଟ୍ ହରାଇ ୧୮୯ ରନ୍ ସଂଗ୍ରହ କରିଥିଲା । ରାଞ୍ଚି ରେଲୱେ ୨୨.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୬ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା । ଖେଳରେ ଆରଓ୍ୱାଇସିସି ରାଉରକେଲା ବିଜୟୀ ହୋଇଛି। ଅମ୍ପାୟର୍ ଭାବେ ଲଲାଟେନ୍ଦୁ ନନ୍ଦ ଓ ରଞ୍ଜନ ରାଉତ, ସ୍କୋରର ଭାବେ ଜ୍ୟୋତିରଞ୍ଜନ ଜେନା, ଭାଷ୍ୟକାର ଭାବେ ସପନ ମଜୁମଦାର ଉପସ୍ଥିତ ଥିଲେ।

ଅତିଥି ଭାବେ ହାଟଡିହୀ କଲେଜ ଅଧ୍ୟାପକ ଚିତ୍ତରଞ୍ଜନ ରାଉତ, ସତୀଶ ଯାଦବ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପରିଷଦର ସଭାପତି ଚିନ୍ମୟ ନାୟକ ଓ ସମ୍ପାଦକ ଚିତ୍ତରଞ୍ଜନ ପାତ୍ର, ଉପଦେଷ୍ଟା ମନୋଜ ପାତ୍ର, ପଦ୍ମନାଭ ସାମଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସାମାଜିକ କର୍ମୀ କଳ୍ପତରୁ ସେଠୀ, ବିଜୟ ମଲ୍ଲିକ, ଅମିୟ ରଞ୍ଜନ ନାୟକ, ବିପିନ ଜେନା, ଗୁଲୁ ପାଢୀ, ସନାତନ ବାରିକ, ଆଶିଷ ଦ୍ୱିବେଦୀ, ଧବଳେଶ୍ୱର ପଟ୍ଟନାୟକ, ରାକେଶ କୁଅଁର, ସଞ୍ଜୀବ ଜେନା, ଜିତନ ଧଳ, ରଙ୍ଗନାଥ ବାରିକ, ଲଲାଟେନ୍ଦୁ ଜେନେ, ଓମପ୍ରକାଶ ନାୟକ, ରୂପକ ଜେନା, କାଳନ୍ଦୀ ନାୟକ, ଅଜୟ ବାରିକ, ମହିମା ବାରିକ ପ୍ରମୁଖ ଖେଳ ପରିଚାଳନାରେ ସହାୟତା କରିଥିଲେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ